ବର୍ଷ-୨୬, ସଂଖ୍ୟା-୧୭୩
ଭୁବନେଶ୍ୱର
୨୯, ଜୁନ ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 173
Bhubaneswar
29, June, 2026, Monday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଆଜି ସ୍ନାନମଣ୍ଡପରେ ଶ୍ରୀଜୀଉଙ୍କ ହାତୀ ବେଶ

ପୁରୀ, ୨୮।୬(ମହାଭାରତ): ଆସନ୍ତାକାଲି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା । ସ୍ନାନମଣ୍ଡପରେ ଗଜାନନ (ହାତୀ)ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ଶ୍ରୀଜୀଉ । ଏହି ଦିନ ୧୦୮ ଗଡୁ ଅଭିମନ୍ତ୍ରିତ ଅଧିବାସ ଜଳରେ ତିନି ଠାକୁର ସ୍ନାନ କରିବେ । ସ୍ନାନ ପରେ ଗଜାନନ ବେଶ ଅନୁଷ୍ଠିତ ହେବ ।

ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗର ସୁରକ୍ଷା ପାଇଁ ସେନାପଟା ଲାଗି ନିମନ୍ତେ ଗତକାଲି ରାତି ୧୦ଟା ୩୦ରୁ ଆଜି ଦିନ ୧ଟା ଯାଏଁ ସାଧାରଣ ଦର୍ଶନ ବନ୍ଦ ରହିଛି । ସୋମବାର ଠାକୁରଙ୍କ ପହଣ୍ଡି ନୀତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ନୀତିନିର୍ଘଂଟ ଅନୁଯାୟୀ, ସୋମବାର ଭୋର୍ ୫ଟାରୁ ତିନି ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇ ସକାଳ ୭ଟା ସୁଦ୍ଧା ଶେଷ ହେବ। ଦିନ ୧୨ଟାରୁ ୨ଟା ମଧ୍ୟରେ ଜଳଲାଗି, ଅପରାହ୍ନ ୩ଟାରୁ ୩ଟା ୩୦ ଛେରାପହଁରା । ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ହାତୀବେଶରେ ସଜ୍ଜିତ କରାଯିବ । ସନ୍ଧ୍ୟା୭ଟାରୁ ରାତି ୯ଟା ୩୦ ସାହାଣ ମେଲା ଦର୍ଶନ ଅନୁଷ୍ଠିତ ହେବ । ଆଜି ସକାଳ ୭ଟା ୧୫ ରେ ସେନାପଟା ଲାଗି ନିମନ୍ତେ ଦଇତାପତି ସେବାୟତ ମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିଛନ୍ତି । ଗତକାଲି ରାତିରେ ଚାରମାଳ ବନ୍ଧା କାର୍ଯ୍ୟ ହେଉଥିବାରୁ ରାତ୍ର ପହୁଡ଼ ହୋଇନାହିଁ ।



ସ୍ନାନ ପୂର୍ଣ୍ଣିମା ପାଇଁ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି । ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଆଶା କରାଯାଉଛି । ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ସ୍ନାନ ମଣ୍ଡପ ସମ୍ମୁଖରେ ସ୍ୱତନ୍ତ୍ର ରାମ୍ପ ନିର୍ମାଣ କରାଯାଇଛି । ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ସ୍ନାନ ମଣ୍ଡପରେ ଶ୍ରୀଜୀଉଙ୍କ ହାତୀ ବେଶ ଦର୍ଶନ ସାରି ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବାକୁ ବ୍ୟବସ୍ଥା କରାଯାଇଛି । ସେହିପରି ଟିକେଟଧାରୀ ଶ୍ରଦ୍ଧାଳୁମାନେ କେବଳ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିପାରିବେ। କେନ୍ଦ୍ରାଂଚଳ ଆଇଜି ସତ୍ୟଜିତ ନାୟକ ଓ ପୁରୀ ଏସପି ପ୍ରତୀକ ସିଂହ ଗତକାଲି ସଂନ୍ଧ୍ୟାରେ ଶ୍ରୀମନ୍ଦିର ଭିତର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ୭୯ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ଆଜିଠାରୁ ଶ୍ରୀମନ୍ଦିର ଭିତରେ ଓ ବାହାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ୍ ସୁପରିଚାଳନା ପାଇଁ ପୋଲି ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପୋଲିସର ବରିଷ୍ଠ ଅଧିକାରୀ ମାନେ ସୁରକ୍ଷା ବ୍ୟବସ୍ଥାର ତଦାରଖ କରୁଛନ୍ତି ।

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଜନଗହଳିକୁ ନିୟନ୍ତ୍ରଣ କରିବା ସବୁଠାରୁ ବଡ ଆହ୍ୱାନ। ତେବେ ମହାପ୍ରଭୁଙ୍କ ପ୍ରତି ସମର୍ପିତ ହୋଇ, ତାଙ୍କ ଆଶୀର୍ବାଦ ନେଇ, ପାରସ୍ପରିକ ସମନ୍ୱୟ ମାଧ୍ୟମରେ ଏହା ଆମେ ଭଲରେ ନିୟନ୍ତ୍ରଣ କରିପାରିବା ବୋଲି କହିଛନ୍ତି କେନ୍ଦ୍ରାଂଚଳ ଆଇଜି ସତ୍ୟଜିତ ନାୟକ। ଆଜି ପୂର୍ବାହ୍ନରେ ସଂସ୍କୃତି ଭବନ ଠାରେ ଆଗାମୀ ରଥଯାତ୍ରା ଓ ସ୍ନାନଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ପୋଲିସ - ମାଜିଷ୍ଟ୍ରେଟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ସମସ୍ତ ଅଧିକାରୀ, କର୍ମଚାରୀ ରଥଯାତ୍ରା, ସ୍ନାନଯାତ୍ରା ପାଇଁ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ମହାପ୍ରଭୁଙ୍କ ପ୍ରତି ସେବା। ତେଣୁ ମହାପ୍ରଭୁଙ୍କ ଦର୍ଶନ ଓ ଆଶୀର୍ବାଦ ପାଇଁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କୁ ଉଚିତ ବ୍ୟବହାର ପ୍ରଦର୍ଶନ, ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ଭିଡ ନିୟନ୍ତ୍ରଣ ଇତ୍ୟାଦିକୁ ସୁଚାରୁ ରୂପେ ସମ୍ପର୍ଣ୍ଣ ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଚଳିତ ରଥଯାତ୍ରା ଓ ସ୍ନାନଯାତ୍ରାରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୋଲିସ ଓ ପ୍ରଶାସନ ପାଇଁ ଗୁରୁ ଦାୟିତ୍ୱ ବୋଲି କହିଥିଲେ। ଏହାକୁ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବା ସହ ଲୋକ ମାନଙ୍କୁ ସୁବିଧା ଓ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ଏସପି ପ୍ରତୀକ ସିଂ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାନେ ନିଜର ଦାୟିତ୍ୱକୁ ସଠିକ ଭାବେ ବୁଝି ନିଷ୍ଠାର ସହ ନିର୍ଦ୍ଧାରିତ ସ୍ଥାନ ମାନଙ୍କରେ କାର୍ଯ୍ୟ କରିବାକୁ ମତ ଦେଇଥିଲେ। ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା ରଥଯାତ୍ରା ଓ ସ୍ନାନଯାତ୍ରା ସମୟରେ ମହାନଗର ନିଗମ ପକ୍ଷରୁ ପରିଷ୍କାର ପରିଛନ୍ନତା, ଶୌଚାଳୟ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ବର୍ଷା ହେଲେ ଜଳ ନିଷ୍କାସନ ବ୍ୟବସ୍ଥାଇତ୍ୟାଦି ସମ୍ପର୍କରେ ସୂଚନା ଦେଇଥିଲେ।ଏହିସମନ୍ୱୟ ବୈଠକରେ ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ପୁରୀ ସହରରେ ସ୍କୁଲ୍ ଛୁଟି

ପୁରୀ ମହାନଗର ନିଗମରେ ଆସନ୍ତାକାଲି ସବୁ ସ୍କୁଲ୍ ବନ୍ଦ ରହିବ। ଦେବସ୍ନାନ ପୂର୍ଣ୍ଣିମା ଭିଡକୁ ଦେଖି ସବୁ ସ୍କୁଲ ବନ୍ଦ ରଖିବାକୁ ହୋଇଛି ନିଷ୍ପତ୍ତି। ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷାଧିକାରୀ ଏନେଇ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ଶିଶୁ ବାଟିକାଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲ୍ ବନ୍ଦ। ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିବ। ରାତି ପାହିଲେ ଶ୍ରୀଜିଉଙ୍କର ଦେବସ୍ନାନ ପୂର୍ଣ୍ଣିମା ଥିବାରୁ ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଦେଖି ପୁଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ୭୯ ପ୍ଲାଟୁନ ଫୋର୍ସକୁ ମୁତୟନ କରାଯାଇଛି। ଟ୍ରାଫିକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ପଦକ୍ଷେପ ଦିଆଯାଇଛି । ସେହିପରି ସ୍ନାନ ପୂର୍ଣ୍ଣିମା ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

## ବଜ୍ରାଘାତରେ ଚାଲିଗଲା ଦୁଇ ଜୀବନ

ନବରଙ୍ଗପୁର ୨୮।୬(ମହାଭାରତ):: ବଜ୍ରାଘାତରେ ମା' ଓ ଝିଅଙ୍କ ମୃତ୍ୟୁ। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମୁଣ୍ଡିବେଡା ପଞ୍ଚାୟତ ଅନ୍ତର୍ଗତ ନିନାଶପାଣୀ ଗ୍ରାମରେ ଘଟିଛି ଏହି ଘଟଣା। ମୃତକ ଦ୍ୱୟ ହେଉଛନ୍ତି, ଦୟମତି ମୁଦୁଲି (୩୫) ଓ ତାଙ୍କ ଝିଅ ଚମ୍ପା ମୁଦୁଲି(୨୨)।ସୂଚନା ଅନୁଯାୟୀ, ମା-ଝିଅ ସେମାନଙ୍କ ଜମିରେ ଥିବା କୁସୁମ ଗଛରୁ କୁସୁମ ତୋଳିବାକୁ ଯାଇଥିଲେ। ସେମାନେ ସେଠାରେ ଥିବା ବେଳେ ଅପରାହ୍ନ ପ୍ରାୟ ୩ଟା ବେଳେ ହଠାତ୍ ପାଗ ବଦଳି ଯାଇଥିଲା। ବର୍ଷା ହୋଇଥିଲା ଓ ବିଜୁଳି ମାରିଥିଲା। ବଜ୍ରପାତରେ ଘଟଣାସ୍ଥଳରେ ମା' ଓ ଝିଅଙ୍କ ମୃତ୍ୟୁ ଘଟିଥିଲା।

ମୃତ ଚମ୍ପା ମୁଦୁଲି ସ୍ଥାନୀୟ ବିଦ୍ୟାଳୟରେ ଶିଶୁ ସେବିକା ଭାବେ କାର୍ଯ୍ୟରତ ଥିଲେ। ଏକାସାଙ୍ଗରେ ମା' ଓ ଝିଅଙ୍କ ମୃତ୍ୟୁ ଘଟଣା ପରିବାର ସହ ସମଗ୍ର ଗ୍ରାମକୁ ଶୋକାକୁଳ କରିଦେଇଛି। ବର୍ଷା ସମୟରେ ବଜ୍ରପାତର ଆଶଙ୍କା ଥିଲେ ଖୋଲା ସ୍ଥାନ ଓ ଗଛ ତଳେ ନ ରହିବାକୁ ବାରମ୍ବାର ପରାମର୍ଶ ଦିଆଯାଉଛି। ତଥାପି ସଚେତନତା ଅଭାବରୁ ଏହିଭଳି ଅଘଟଣ ଘଟୁଛି।

## ଗ୍ୟାସ୍ ଟ୍ରାଜେଡିରେ ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି

ଭୁବନେଶ୍ୱର, ୨୮।୬(ମହାଭାରତ): ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ପେରିୟପାଲୟମ ନିକଟରେ ଥିବା ଏକ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଓ ରପ୍ତାନି କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଦୁଇ ଜଣ ଓଡିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ଦୁଇ ଜଣ ମଧ୍ୟ ଯୁବତୀ। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ବିମଳା ପଞ୍ଚାୟତ ଟାଙ୍ଗିରି ଦୁବନଳି ସାହିର ବୃନ୍ଦା ଜୁଆଙ୍ଗଙ୍କ ଝିଅ କବିତା ଜୁଆଙ୍ଗ ଓ ଅନ୍ୟ ଜଣେ ଅନୁଗୋଳ ଜିଲ୍ଲା ଖମାର ଥାନା ଆଲୁରୀ ପଞ୍ଚାୟତ ଅନ୍ଧାରି ସାହିର ବୁଧୁବାରୀ ନାଏକ। ଏହା ସହିତ ଏହି ଘଟଣାରେ ୧୩ ଜଣ ଓଡିଆ ଶ୍ରମିକଙ୍କ ମୃତ୍ୟୁ ଘଟିଲାଣି। ସମସ୍ତ ମୃତକ ହେଉଛନ୍ତି ଯୁବତୀ।

ଏହି ଘଟଣା ପରେ ସରକାର ତାମିଲନାଡୁରୁ ୨୩ ଜଣ ଯୁବତୀ ଓ ୩୫ ଜଣ ଯୁବକଙ୍କୁ ଫେରାଇ ଆଣିଛନ୍ତି। ଆଉ ୭ ଜଣ ସେଠାରେ ଚିକିତ୍ସାଧୀନ ଅଛନ୍ତି। କେନ୍ଦୁଝର ଜିଲ୍ଲାର ତେଲକୋଇ, ବାଂଶପାଳ ଓ ହରିଚନ୍ଦନପୁର ବ୍ଲକର ଏହି ଜୁଆଙ୍ଗ ଜନଜାତି ଯୁବକ ଓ ଯୁବତୀ ଶ୍ରୀକାନ୍ତ ଜୁଆଙ୍ଗ ନାମକ ଜଣେ ଦଲାଲର ପ୍ରରୋଚନା ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେମାନେ ରାଜେଶ କଣ୍ଟ୍ରାକ୍ଟର ଅଧୀନରେ କାମ କରୁଥିଲେ। ଗତକାଲି ତାମିଲନାଡୁ ପୁଲିସ ଏହି ଘଟଣାରେ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେମାନଙ୍କ ମଧ୍ୟରେ ଶ୍ରୀକାନ୍ତ ଜୁଆଙ୍ଗ ଓ ରାଜେଶ ମଧ୍ୟ ଅଛନ୍ତି।

# ଦୁଇ ବଡ ବିମାନ ଦୁର୍ଘଟଣା, ୨୯ ମୃତ

ନୂଆଦିଲ୍ଲୀ୨୮।୬(ମହାଭାରତ):: ଫ୍ରାନ୍ସର ଉତ୍ତର-ପୂର୍ବ ସହର ଟାମ୍ବଲେନ୍‌ରେ ଏକ ମର୍ମନ୍ତୁଦ ବିମାନ ଦୁର୍ଘଟଣା ଘଟିଛି, ଯେଉଁଥିରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି। ପିଲାଟସ୍ ଚଉ-୬ ଟର୍ବୋ ପୋର୍ଟର୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ବିମାନ ଏକ ପାରାଚୁଟ୍ ତାଲିମ ବିଦ୍ୟାଳୟର ଥିଲା । ବିମାନଟି ପାରାଚୁଟ୍ ଜମ୍ପ ତାଲିମ ପାଇଁ ବ୍ୟବହୃତ ହେଉଥିଲା। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଦୁର୍ଘଟଣାରେ ପାଇଲଟ୍ ସମେତ ସମସ୍ତ ୧୦ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୫ ଜଣ ଛାତ୍ର ଏବଂ ୫ ଜଣ ପ୍ରଶିକ୍ଷକ ଥିଲେ, ଅର୍ଥାତ୍ ଦୁର୍ଘଟଣାରେ ବିମାନରେ ଥିବା କେହି ବଞ୍ଚି ନାହାଁନ୍ତି।



ସାଉଦି ଆରବର ପ୍ରମୁଖ ଏବଂ ସର୍ବବୃହତ ତୈଳ କମ୍ପାନୀ ସାଉଦି ଆରାମକୋର ଏକ ହେଲିକପ୍ଟର ଦେଶର ରାସ ଟାନୁରାରେ ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ୧୪ ଜଣଙ୍କର ମୃତ୍ୟୁ ଘଟିଛି। ହେଲିକପ୍ଟର ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ଏବଂ ତଦନ୍ତ ଚାଲିଛି। ରାସ ଟାନୁରା ପଶ୍ଚିମ ଏସିଆ ଅଞ୍ଚଳର ସର୍ବବୃହତ ତୈଳ ବିଶୋଧନାଗାରର କେନ୍ଦ୍ର, ଯାହା ସାଉଦି ଆରାମକୋ ଦ୍ୱାରା ପରିଚାଳିତ।

ଉଡ଼ାଣ ସମୟରେ ହଠାତ୍ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଦୁର୍ଘଟଣା ପରେ ତୁରନ୍ତ ଘଟଣାସ୍ଥଳରେ ଉଦ୍ଧାର ଏବଂ ରିଲିଫ୍ ଦଳ ପହଞ୍ଚିଥିଲେ, କିନ୍ତୁ କାହାକୁ ଉଦ୍ଧାର କରାଯାଇ ପାରିନଥିଲା। ସମଗ୍ର ଅଞ୍ଚଳ ଏହି ଦୁଃଖଦ ଘଟଣା ପାଇଁ ଶୋକ ପ୍ରକାଶ କରୁଛି। ବ୍ରୁନୋ ରିଟେଲ୍ଲୋଙ୍କ ନେତୃତ୍ୱରେ ଫରାସୀ ଗୃହ ମନ୍ତ୍ରଣାଳୟ ମଧ୍ୟ ପରିସ୍ଥିତି ଉପରେ ନଜର ରଖିଛି। ଗୃହ ମନ୍ତ୍ରଣାଳୟ ସୂଚନା ଦେଇଛି ଯେ ପରିସ୍ଥିତି ଉପରେ ନଜର ରଖିବା ପାଇଁ ଫରାସୀ ଗୃହ ମନ୍ତ୍ରୀ ଘଟଣାସ୍ଥଳକୁ ଯାଇଛନ୍ତ ।ବର୍ତ୍ତମାନ ଦୁର୍ଘଟଣାର ସଠିକ୍ କାରଣ ଅସ୍ପଷ୍ଟ ରହିଛି। ଯାନ୍ତ୍ରିକ ତ୍ରୁଟି, ପାଗ କିମ୍ବା ଅନ୍ୟ କୌଣସି କାରଣରୁ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି କି ନାହିଁ ତାହା ତଦନ୍ତକାରୀ ସଂସ୍ଥା ଗୁଡ଼ିକ ଯାଞ୍ଚ କରିବାକୁ ଚେଷ୍ଟା କରୁଛନ୍ତି। ବ୍ଲାକ୍ ବାକ୍ସ ଏବଂ ଅନ୍ୟାନ୍ୟ ଯାନ୍ତ୍ରିକ ତଥ୍ୟ ଯାଞ୍ଚ କରିବା ପରେ ହିଁ ଦୁର୍ଘଟଣାର ସଠିକ୍ କାରଣ ଜଣାପଡିବ। ଏହି ଦୁର୍ଘଟଣାକୁ ଫ୍ରାନ୍ସରେ ସାମ୍ପ୍ରତିକ ସବୁଠାରୁ ଗୁରୁତର ବିମାନ ଦୁର୍ଘଟଣା ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଉଛି ।ସାଉଦି ଆରବର ସରକାରୀ ଗଣମାଧ୍ୟମ, ସାଉଦି ପ୍ରେସ୍ ଏଜେନ୍ସି ର ଏକ ରିପୋର୍ଟ ଅନୁଯାୟୀ, ଆଜି (ରବିବାର) ସ୍ଥାନୀୟ ସମୟ ପ୍ରାୟ ୬ ଟାରେ ଏହି ଭୟାନକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ସମସ୍ତ ମୃତକ ଅର୍ଥାତ ୧୪ ଜଣ ସାଉଦି ନାଗରିକ ଥିଲେ। ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ। ଘଟଣାର ତଦନ୍ତ ଚାଲିଛି।

# ମନ୍ କି ବାତ୍ : ସ୍ୱଦେଶୀ ରକ୍ଷା ଶକ୍ତିରୁ ସାମାଜିକ ପରିବର୍ତ୍ତନ ଆଲୋଚନା

ନୂଆଦିଲ୍ଲୀ, ୨୮।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦିନ ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍' ରେ କହିଛନ୍ତି ଯେ ଜୁନ୍ ମାସ ଭାରତ ପାଇଁ ଅନେକ ସଫଳତା ଏବଂ ପ୍ରେରଣାଦାୟୀ ପଦକ୍ଷେପର ସାକ୍ଷୀ ହୋଇଛି। ସ୍ୱଦେଶୀ ପ୍ରତିରକ୍ଷା ସାମର୍ଥ୍ୟ, ବିମାନ ଚଳାଚଳ କ୍ଷେତ୍ରରେ ପ୍ରଗତି, ଯୋଗର ବିଶ୍ୱସ୍ତରୀୟ ଲୋକପ୍ରିୟତା, ଆସାମରେ ହରଗିଲା ସଂରକ୍ଷଣ ଅଭିଯାନ, ନାଗାଲାଣ୍ଡରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ଏବଂ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ଦେଶର ବିଭିନ୍ନ କ୍ଷେତ୍ରରେ ହେଉଥିବା ସକାରାତ୍ମକ ପରିବର୍ତ୍ତନ ଆତ୍ମନିର୍ଭର ଭାରତ ଦିଗରେ ନୂତନ ଶକ୍ତି ପ୍ରଦାନ କରୁଛି।'ମନ୍ କି ବାତ୍ 'ର ୧୩୫ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୨୦୨୬ ବର୍ଷର ଅଧା ସମୟ ଅତିକ୍ରାନ୍ତ ହେବାକୁ ଯାଉଛି ଏବଂ ଗତ ଛଅ ମାସ ମଧ୍ୟରେ ଦେଶ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି। ବିଶେଷ କରି ଜୁନ୍ ମାସ ଅନେକ ଗୁରୁତ୍ୱପୂର୍ଣ୍ଣ ସଫଳତା ଏବଂ ପ୍ରେରଣାଦାୟୀ ଘଟଣାଗୁଡ଼ିକରେ ପରିପୂର୍ଣ୍ଣ ଥିଲା। ଏହି ସଫଳତା କେବଳ ଦେଶର ସାମର୍ଥ୍ୟକୁ ପ୍ରଦର୍ଶିତ କରିନାହିଁ, ବରଂ ନାଗରିକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ମଧ୍ୟ ସୃଷ୍ଟି କରିଛି।

ସେ କହିଛନ୍ତି ଯେ ନିକଟରେ ତିନୋଟି ନୂଆ ଯୁଦ୍ଧ ଜାହାଜ ଭାରତୀୟ ନୌସେନାରେ ସାମିଲ ହୋଇଛି। ଏହି ଯୁଦ୍ଧ ଜାହାଜଗୁଡ଼ିକର ଡିଜାଇନ୍, ନିର୍ମାଣ ଏବଂ ବୈଷୟିକ ବିକାଶ ଭାରତରେ ହିଁ ହୋଇଛି, ଯାହା ଆତ୍ମନିର୍ଭର ଭାରତ ଅଭିଯାନର ସଫଳତାର ପ୍ରମାଣ। ସେ କହିଥିଲେ ଯେ ଦେଶ ଏବେ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ କ୍ରମାଗତ ଭାବେ ନୂତନ ଶିଖରରେ ପହଞ୍ଚୁଛି ଏବଂ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଆଧାରିତ ବ୍ୟବସ୍ଥା ଜାତୀୟ ସୁରକ୍ଷାକୁ ଅଧିକ ସୁଦୃଢ଼ କରୁଛି।ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ ଚଳିତ ମାସ ପ୍ରାରମ୍ଭରେ, ଏକ ଭାରତୀୟ ନିର୍ମିତ ସି-୨୯୫ ସାମରିକ ପରିବହନ ବିମାନ ଏହାର ପ୍ରଥମ ସଫଳ ଉଡ଼ାଣ କରିଥିଲା। ଏହା କେବଳ ଏକ ବିମାନର ଉଡ଼ାଣ ନୁହେଁ, ବରଂ ଭାରତର ବିମାନ ଚଳାଚଳ ଏବଂ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରର ଏକ ନୂତନ ଉଡ଼ାଣ। ଦେଶରେ ଏଭଳି ୪୦ଟି ବିମାନ ନିର୍ମାଣ କରାଯିବ,



ଯାହା ଏରୋସ୍ପେସ୍ କ୍ଷେତ୍ରକୁ ସୁଦୃଢ଼ କରିବ ଏବଂ ଯୁବକମାନଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହାଦ୍ୱାରା ବହୁ ସଂଖ୍ୟକ ଏମ୍ ଏସ୍ ଏମ୍ ଇ. ୟୁନିଟ୍ ଏବଂ ଭାରତୀୟ ଶିଳ୍ପ ମଧ୍ୟ ଉପକୃତ ହେବେ। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡି. ଆର୍. ଡି. ଓ.) ର ବୈଜ୍ଞାନିକମାନଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ନିକଟରେ ସ୍ୱଦେଶୀ ଲଙ୍ଗ ରେଞ୍ଜ୍ ଲ୍ୟାଣ୍ଡ ଆଟାକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳତାର ସହ ପରୀକ୍ଷଣ କରାଯାଇଛି।

ଏହି ସଫଳତା ଭାରତର ପ୍ରତିରକ୍ଷା କ୍ଷମତାକୁ ଆହୁରି ସୁଦୃଢ଼ କରୁଛି ଏବଂ ଏହା ଦର୍ଶାଉଛି ଯେ ଦେଶ ଅତ୍ୟାଧୁନିକ ସାମରିକ ପ୍ରଯୁକ୍ତିବିଦ୍ୟାର ବିକାଶ ଦିଗରେ ଦ୍ରୁତ ଗତିରେ ଆଗକୁ ବଢୁଛି ।ଆନ୍ତର୍ଜାତୀୟ ଯୋଗ ଦିବସର ସଫଳତା ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ଚଳିତ ବର୍ଷ ସାରା ବିଶ୍ୱରେ ଅଭୂତପୂର୍ବ ଉତ୍ସାହର ସହିତ ଯୋଗ ଦିବସ ପାଳନ କରାଯାଇଥିଲା। ସେ କହିଛନ୍ତି ଯେ ବିଶ୍ୱର ୨୫୦୦ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଯୋଗ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରତ ସମେତ ଅନେକ ଦେଶରେ ଲକ୍ଷ ଲକ୍ଷ ଲୋକ ଯୋଗକୁ ଗ୍ରହଣ କରି ସୁସ୍ଥ ଜୀବନଯାପନ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ଅହମ୍ମଦାବାଦରେ ଆୟୋଜିତ ବିଶ୍ୱ ଯୋଗାସନ ଚାମ୍ପିଅନସିପ୍ ୨୦୨୬ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତୀୟ କ୍ରୀଡ଼ାବିତମାନେ ଏହି ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ୧୦୨ଟି ସ୍ୱର୍ଣ୍ଣ ପଦକ ସମେତ ମୋଟ ୧୧୪ଟି ପଦକ ଜିତିଛନ୍ତି। ଏହି ସଫଳତା ବିଶ୍ୱ ମଞ୍ଚରେ ଭାରତର ଯୋଗ ପରମ୍ପରା ଏବଂ କ୍ରୀଡ଼ା ପ୍ରତିଭାକୁ ଦର୍ଶାଉଛି ।ଆସାମରେ ଚାଲିଥିବା ହରଗିଲା ସଂରକ୍ଷଣ ଅଭିଯାନ ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏକ ସମୟ ଥିଲା ଯେତେବେଳେ ହରଗିଲା ପକ୍ଷୀ ବିଷୟରେ ସମାଜରେ ଅନେକ କଳ୍ପନା ଏବଂ ଅନ୍ଧବିଶ୍ୱାସ ଥିଲା। ଲୋକମାନେ ଏହାକୁ ଅଶୁଭ ବୋଲି ବିବେଚନା କରୁଥିଲେ ଏବଂ ଏପରିକି ଏହାର ବସା ଦ୍ୱାରା ଗଛ କାଟି ଦେଉଥିଲେ। ପ୍ରସିଦ୍ଧ ଜୀବବିଜ୍ଞାନୀ ପୂର୍ଣ୍ଣିମା ଦେବୀ ବର୍ମନ ଏବଂ ସ୍ଥାନୀୟ ମହିଳାମାନଙ୍କ ଉଦ୍ୟମ ଏହି ପରିସ୍ଥିତିକୁ ବଦଳାଇ ଦେଇଥିଲା। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ହଜାର ହଜାର ମହିଳା ମିଶି 'ହରଗିଲା ଆର୍ମି 'ଗଠନ କରିଥିଲେ ଏବଂ ଏହି ବିରଳ ପକ୍ଷୀର ସଂରକ୍ଷଣ ପାଇଁ ଏକ ଅଭିଯାନ ଆରମ୍ଭ କରିଥିଲେ। ଆଜି ଏହି ପକ୍ଷୀ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଗର୍ବର ବିଷୟ ପାଲଟିଛି।

# ମୌସୁମୀ ଅଧିବେଶନ ପୂର୍ବରୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ସମ୍ଭାବନା

ନୂଆଦିଲ୍ଲୀ୨୮।୬(ମହାଭାରତ): ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାର ମନ୍ତ୍ରିମଣ୍ଡଳରେ ବଡ଼ଧରଣର ଅଦଳବଦଳ କରିପାରନ୍ତି। ଏହା ସହିତ ଭାରତୀୟ ଜନତା ପାର୍ଟି (ବିଜେପି)ର ଜାତୀୟ ସାଂଗଠନିକ ଟିମ୍‌ରେ ମଧ୍ୟ ପରିବର୍ତ୍ତନ ଘୋଷଣା ହେବାର ସମ୍ଭାବନା ରହିଛି। ଦଳ ଓ ସରକାରର ଶୀର୍ଷସ୍ତରରେ ଏନେଇ ଆଲୋଚନା ଚାଲିଥିବା ସୂଚନା ମିଳିଛି।



ସୂତ୍ର ଅନୁଯାୟୀ, ଏହି ପରିବର୍ତ୍ତନରେ କିଛି ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ ଦିଆଯାଇପାରେ, କିଛି ନୂଆ ମୁହଁଙ୍କୁ ସୁଯୋଗ ମିଳିପାରେ ଏବଂ କେତେକ ମନ୍ତ୍ରୀଙ୍କ ବିଭାଗ ମଧ୍ୟ ବଦଳାଯାଇପାରେ। ସେହିପରି ବିଜେପିର ଜାତୀୟ ଅଧ୍ୟକ୍ଷ ନିତିନ ନବୀନଙ୍କ ନେତୃତ୍ୱରେ ନୂଆ ସାଂଗଠନିକ ଟିମ୍ ଘୋଷଣା ହେବାର ସମ୍ଭାବନା ରହିଛି। ଏହି ଟିମ୍‌ରେ ଯୁବ ନେତାଙ୍କୁ ଅଧିକ ଗୁରୁତ୍ୱ ମିଳିପାରେ। ଗତ ସପ୍ତାହରେ ନିତିନ ନବୀନ କେତେକ ରାଷ୍ଟ୍ରମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିଥିବା କୁହାଯାଉଛି। ଦଳର ସାଂଗଠନିକ ଦାୟିତ୍ୱରେ କେତେକ କେନ୍ଦ୍ରମନ୍ତ୍ରୀଙ୍କୁ ପଠାଯାଇପାରେ। ସେହିପରି ବିଜେପିର ସାଂଗଠନିକ ପଦାଧିକାରୀମାନଙ୍କ ମଧ୍ୟରୁ କିଛି ନେତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ। ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ସିବିଏସ୍ଇ ଡିଜିଟାଲ ମୂଲ୍ୟାଙ୍କନକୁ ନେଇ ବିବାଦ ହୋଇଥିବାରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଭାଗରେ ପରିବର୍ତ୍ତନକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ତେବେ ଏନେଇ କୌଣସି ସରକାରୀ ଘୋଷଣା ହୋଇନାହିଁ।

ଆସନ୍ତା ବର୍ଷ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଓ ପଞ୍ଜାବରେ ବିଧାନସଭା ନିର୍ବାଚନ ଥିବାରୁ ଏହି ରାଜ୍ୟଗୁଡ଼ିକର ନେତାଙ୍କୁ ମନ୍ତ୍ରିମଣ୍ଡଳରେ ଅଧିକ ପ୍ରତିନିଧିତ୍ୱ ଦିଆଯାଇପାରେ। ପଶ୍ଚିମବଙ୍ଗରେ ବିଜେପିର ସଫଳତା ପରେ ସେହି ରାଜ୍ୟର କିଛି ସାଂସଦଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ। ଏଥିସହ ବିଦ୍ରୋହୀ ତୃଣମୂଳ କଂଗ୍ରେସ ଓ ଶିବସେନା (ୟୁବିଟି) ଗୋଷ୍ଠୀର କିଛି ପ୍ରତିନିଧିଙ୍କୁ ସୁଯୋଗ ଦେବା ନେଇ ମଧ୍ୟ ଆଲୋଚନା ଚାଲିଛି । ହେଲେ ଦଳବଦଳ ଆଇନ ଅନୁସାରେ ଲୋକସଭା ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ ଏହା ନିର୍ଭର କରିବ।

ଉତ୍ତର ପ୍ରଦେଶ ବିଜେପି ସଭାପତି ଭାବେ ପଙ୍କଜ ଚୌଧୁରୀ ଓ ଦିଲ୍ଲୀ ବିଜେପି ସଭାପତି ଭାବେ ହର୍ଷ ମଲହୋତ୍ରାଙ୍କ ନିଯୁକ୍ତି ପରେ 'ଜଣେ ବ୍ୟକ୍ତି, ଗୋଟିଏ ପଦ' ନୀତି ଅନୁଯାୟୀ ସେମାନେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଛାଡ଼ିପାରନ୍ତି। ଅନ୍ୟପକ୍ଷରେ ଜର୍ଜ କୁରିଆନ ରାଜ୍ୟସଭାକୁ ପୁନଃମନୋନୀତ ନ ହେବା ପରେ ଇସ୍ତଫା ଦେଇସାରିଛନ୍ତି। ରବନୀତ ସିଂହ ବିଟ୍ଟୁଙ୍କୁ ପଞ୍ଜାବ ରାଜନୀତିରେ ଅଧିକ ଦାୟିତ୍ୱ ଦିଆଯାଇପାରେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ବ୍ୟସ୍ତ ବିଦେଶ ଗସ୍ତକୁ ଦୃଷ୍ଟିରେ ରଖି ଜୁଲାଇରେ ମୌସୁମୀ ଅଧିବେଶନ ପୂର୍ବରୁ ଏହି ପରିବର୍ତ୍ତନ ହୋଇପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ତେବେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏଭଳି ନିଷ୍ପତ୍ତି ଗୋପନ ରଖିବା ମୋଦୀଙ୍କ ଶୈଳୀ ହୋଇଥିବାରୁ ସରକାରୀ ଘୋଷଣା ପରେ ହିଁ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ।

## ମହାନଦୀରେ ବୁଡ଼ିଗଲେ ୩ କଲେଜ ଛାତ୍ର

କଟକ, ୨୮।୬(ମହାଭାରତ): ଜଗତପୁର ଖଇରା ବ୍ରିଜ ସାତବାଟିଆ ନିକଟ ମହାନଦୀରେ ଏକ ଅଘଟଣ ଘଟିଛି। ମହାନଦୀର ବୁଡ଼ି ୩ଜଣ କଲେଜ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତଦେହ ମିଳିଥିବା ସୂଚନା ମିଳିଛି ।ଖବର ପାଇ ଅଗ୍ନିଶମ ବାହିନୀ ଖୋଜାଖୋଜି ଆରମ୍ଭ କରିଥିଲେ। ଦୀର୍ଘ ସମୟ ଖୋଜାଖୋଜି ପରେ ଜଣେ ଛାତ୍ରଙ୍କ ମୃତହେଦ ଉଦ୍ଧାର କରିଥିଲେ। ଅନ୍ୟପକ୍ଷେ ସର୍ଚ୍ଚ ଅପରେସନ ଜାରି ରହିଥିବା କଟକ ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି। ଏପରିକି ଅଗ୍ନିଶମ ବିଭାଗର ୨ଟି ୟୁନିଟ ନିଖୋଜ ଛାତ୍ରଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରଖିଛନ୍ତି।

## ଟି୨୦ ବିଶ୍ୱକପ୍‌ରୁ ବିଦା ହେଲା ଭାରତ


ଇଂଲଣ୍ଡ ୨୮।୬(ମହାଭାରତ):: ଭାରତକୁ ଅଷ୍ଟ୍ରେଲିଆ ୬ ୱିକେଟରେ ପରାସ୍ତ କରିଛି। ଏହି ପରାଜୟ ସହିତ ଟିମ୍ ଇଣ୍ଡିଆ ବିଶ୍ୱକପରୁ ବାଦ ପଡ଼ିଛି। ଭାରତର ଚାମ୍ପିଅନ ହେବାର ସ୍ୱପ୍ନ ପୁଣି ଥରେ ଅଧାରେ ରହିଯାଇଛି। ସେମିଫାଇନାଲରେ ପହଞ୍ଚିବା ପାଇଁ ଭାରତ ପାଇଁ ଏହି ମ୍ୟାଚ୍ ଜିତିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। 'ଗ୍ରୁପ୍-ଏ'ରୁ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଐତିହାସିକ ଲର୍ଡସ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଧିନାୟିକା ହରମନପ୍ରୀତ କୌର ୫୬ ରନର ଲଢୁଆ ଇନିଂସ ଖେଳି ଭାରତର ସ୍କୋରରକୁ ୧୭୦ ରନ୍‌ରେ ପହଞ୍ଚାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୬ଟି ବଲ୍ ବାକି ଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅଷ୍ଟ୍ରେଲିଆ ପାଇଁ ଏଲିସ୍ ପେରି (୫୬ ରନ୍) ଏବଂ ଆଶ୍ଲେ ଗାର୍ଡନର ୫୩ ରନ୍‌ର ଏକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ଏଲିସ୍ ପେରି ଏବଂ ଆଶ୍ଲେ ଗାର୍ଡନରଙ୍କ ୧୦୦ ରନର ଭାଗୀଦାରି ଭାରତୀୟ ଦଳ ପାଇଁ ଏକ ବଡ଼ ଧକ୍କା ଦେଇଥିଲା।

## ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି, ୨୮।୬(ମହାଭାରତ):ମାଓ ବିରୋଧୀ ଅପରେସନରେ ମାଲକାନଗିରି ପୋଲିସକୁ ମିଳିଛି ବଡ ସଫଳତା। ଆନ୍ଧ୍ର -ଓଡିଶା ସୀମାନ୍ତରୁ ଜବତ ହେଲା ବିପୁଳ ପରିମାଣର ମାଓ ସାମଗ୍ରୀ । ଜବତ ସାମଗ୍ରୀ ଆନ୍ଧ୍ର- ଓଡିଶା ବର୍ଡର ସ୍ପେଶାଲ ଜୋନାଲ କମିଟିର ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ମାଲକାନଗିରି ଏସିପି ପ୍ରକାଶ କରିଛନ୍ତି । ଜବତ ସାମଗ୍ରୀ ମଧ୍ୟରେ ୨ଟି ଏସଏଲଆର ବନ୍ଧୁକ, ୨ଟି ଦେଶୀ ପିସ୍ତଲ, ଗୋଟିଏ ୟୁଏସେ ନିର୍ମିତ ପିସ୍ତଲ, ଗୋଟିଏ ଥ୍ରୀ ନଟ ଥ୍ରୀ ବନ୍ଧୁକ, ଦୁଇଟି ଆଇଡି, ଗୋଟିଏ କ୍ଲେମର ମାଇନ, ୪ଟି ବିଜିଏଲ ସେଲ ସମେତ ୩୭ ପ୍ରକାର ମାଓ ସାମଗ୍ରୀ ଜବତ କରାଯାଇଛି ।ଗତ ୯ ଜୁନ ରେ ମଧ୍ୟ ମାଲକାନଗିରି କିରିମିଟି ଓ କଟୁଆପଦର ଜଙ୍ଗଲରୁ ମାଲକାନଗିରି ପୋଲିସ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଜବତ କରିଥିଲା ।



# ଜୀବନଚର୍ଯ୍ୟା





## ଫୁଲ କୋବି ମଞ୍ଚୁରିଆନ୍

ଆବଶ୍ୟକ ସାମଗ୍ରୀ: ଫୁଲ କୋବି, ମଇଦା, କର୍ଣ୍ଣ ଫ୍ଲୋର, ଲଙ୍କା ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଲୁଣ, ତେଲ

ମଞ୍ଚୁରିଆନ୍ ସସ୍ ପାଇଁ: ସରୁସରୁ ହୋଇ କଟା ହୋଇଥିବା ରସୁଣ, ଅଦା, କଞ୍ଚା ଲଙ୍କା, କ୍ୟାପ୍ସିକମ, ପିଆଜ, ସୋୟା ସସ, ରେଡ୍ ଚିଲି ସସ, ଭିନେଗାର, ଟମାଟୋ ସସ୍, ଚିନି ଓ ଲୁଣ

ପ୍ରସ୍ତୁତି ପ୍ରଣାଳୀ: କୋବିକୁ ମଧ୍ୟମ ସାଇଜର ଖଣ୍ଡ ଖଣ୍ଡ କରି କାଟି ରଖନ୍ତୁ। ଏହାକୁ ଗରମ ପାଣିରେ ୫ ମିନିଟ ପାଇଁ ଛାଡ଼ି ଦିଅନ୍ତୁ। ପରେ ଏହାକୁ ଛାଣି ରଖିଦିଅନ୍ତୁ। ଏବେ ଏକ ପାତ୍ରରେ ମଇଦା, କର୍ଣ୍ଣ ଫ୍ଲୋର, ଲୁଣ, ଲଙ୍କା ଗୁଣ୍ଡ ଓ ଗୋଲମରିଚ ଗୁଣ୍ଡ ପକାଇ ଭଲ ଭାବେ ଗୋଳାନ୍ତୁ। ତା'ପରେ ଅଳ୍ପ ଅଳ୍ପ ପାଣି ଦେଇ ଏହାକୁ ଗୋଳାନ୍ତୁ।



ଏ ମିଶ୍ରଣ ବହଳିଆ ହେବ। ଏବେ ଏଥିରେ କୋବି ଖଣ୍ଡଗୁଡ଼ିକୁ ପକାଇ ଭଲ ଭାବେ ଗୋଳାନ୍ତୁ। ତା'ପରେ ଚୁଲିରେ ପ୍ୟାନ ବସାଇ ମଧ୍ୟମ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲେ କୋବି ଖଣ୍ଡ ଗୁଡିକୁ ପକାଇ ସୁନେଲି ରଙ୍ଗ ହେବ ଯାଏ ଅପେକ୍ଷା କରନ୍ତୁ ଓ ପରେ ଛାଣି ଆଣନ୍ତୁ। ପରେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ଏଥିରେ କଟା ଅଦା, ରସୁଣ ଓ ଲଙ୍କା ପକାଇ ୧ ରୁ ୨ ମିନିଟ ଯାଏ ଭାଜନ୍ତୁ । ବେଶୀ ଭଜିବେ ନାହିଁ। ନଚେତ ମଞ୍ଚୁରିଆନ୍ ପିତା ଲାଗି ପରେ। ଏବେ ଥିରେ ସରୁ ସରୁ ହୋଇ ହୋଇଥିବା ପିଆଜ ଓ କ୍ୟାପ୍ସିକମ୍ ପକାଇ ୧ରୁ ୨ ମିନିଟ ଯାଏ ଭାଜନ୍ତୁ। ପରେ ସେଥିରେ ସୋୟା ସସ୍ ପକାଇ ହାଲକା ଭାଜନ୍ତୁ। ଏଥିରେ ରେଡ୍ ଚିଲି ସସ, ଟମାଟୋ ସସ ଓ ଭିନେଗାର ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏଥିରେ କିଛି ପାଣି ଦେଇ ଭଲଭାବେ ଗୋଳାନ୍ତୁ । ଏଥିରେ ଗୋଲ ମରିଚ ଗୁଣ୍ଡ ପକାନ୍ତୁ। ସସ ବହଳିଆ ହେବା ଯାଏ ମଧ୍ୟମ ଆଞ୍ଚରେ ରାନ୍ଧନ୍ତୁ। ପରେ ଆଞ୍ଚ ବନ୍ଦ କରି ସସର ସ୍ୱାଦ ଚାଖନ୍ତୁ। ଆବଶ୍ୟକ ପଡିଲେ ନିଜ ସ୍ୱାଦ ଅନୁସାରେ ଲୁଣ ଦେଇ ପାରନ୍ତିୟ ସସକୁ ୨ ରୁ ୩ ମିନିଟ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ପରେ ଏଥିରେ ଭଜା ହୋଇ ରଖିଥିବ କୋବି ଖଣ୍ଡକୁ ପକାଇ ଭଲଭାବରେ ଗୋଳାନ୍ତୁ। ଏବେ ଏହାକୁ ପ୍ଲେଟକୁ କାଢି ଭାତ କିମ୍ବା ରୁଟି ସହ ପରଷନ୍ତୁ।

## ଖବର

# ପୁଣି ଏକାଠି ନଜର ଆସିବେ ଅକ୍ଷୟ-ସୈଫ




ଫିଲ୍ମ ଭୂତ ବଙ୍ଗଳାକୁ ସଫଳତା ମିଳିବା ପରେ ନିର୍ଦ୍ଦେଶକ ପ୍ରିୟଦର୍ଶନ ଆଗାମୀ ଫିଲ୍ମ ହେବାନ ରିଲିଜ କରିବା ପାଇଁ ପ୍ରସ୍ତୁତ ରହିଛନ୍ତି । ଫିଲ୍ମ ହେବାନ ଆସନ୍ତା ୧୧ରେ ସେପ୍ଟେମ୍ବରରେ ରିଲିଜ ହେବ । ଏହି ଫିଲ୍ମରେ ବଲିଉଡର ଚର୍ଚ୍ଚିତ ଯୋଡି ପୁଣିଥରେ ଫେରିବାକୁ ଯାଉଛନ୍ତି । ସୈଫ ଅଲ୍ଲୀ ଖାନ ଏବଂ ଅକ୍ଷୟ କୁମାର ପୁଣିଥରେ ପରଦାରେ ଏକାଠି ହେବେ ।୧୯୯୪ରୁ ୭ଟି ଫିଲ୍ମ ଏକାଠି କରିଥିବା ଏବଂ ୨୦୦୮ରେ ଫିଲ୍ମ ଟସନରେ ଏକାଠି କାମ କରିବା ପରେ ପୁଣିଥରେ ଏହି ଯୋଡ଼ି ପରଦା ଉପରେ କାମ କରିବାକୁ ଯାଉଛନ୍ତି । ଏହି ଆଇକନିକ ଯୋଡି ପୁଣିଥରେ ଫେରିବାକୁ ନେଇ ଫ୍ୟାନ୍ସ ଖୁସି ରହିଛନ୍ତି ।କିନ୍ତୁ ଏଥର ଏ ଦୁହେଁ ଯୋଡି ଭାବେ ନୁହେଁ ବିଲକୁଲ ଅଲଗା ଅନ୍ଦାଜରେ ନଜର ଆସିବେ ଯଖବର ମୁତାବକ, ଏହି ଫିଲ୍ମରେ ଅକ୍ଷୟ କୁମାର ଖଳନାୟକ ଭୂମିକାରେ ନଜର ଆସିବେ । ଏହି ଫିଲ୍ମରେ କାମ କରିବା ବହୁତ ମଜାଦାର ରହିବ ବୋଲି ସୈଫ କହିଛନ୍ତି । ଅକ୍ଷୟଙ୍କୁ ଏଭଳି ଭୂମିକାରେ ଦେଖି ବହୁତ ଉତ୍ସାହିତ ରହିଛନ୍ତି ସୈଫ ।ସୈଫ୍ କହିଛନ୍ତି ଯେ ଦର୍ଶକମାନେ ଏହି ଫିଲ୍ମରେ ତାଙ୍କ ଏବଂ ଅକ୍ଷୟଙ୍କ ପୁରୁଣା କମିକ୍ କେମେଷ୍ଟ୍ରି ଆଶା କରୁଥିବା ବେଳେ ଏଥର କିଛି ଭିନ୍ନ ହେବ । ହେବାନ ଆମର କମିକ୍ କେମେଷ୍ଟ୍ରି ଉପରେ ଆଧାରିତ ଫିଲ୍ମ ନୁହେଁ, ଏବଂ ମୁଁ ଭାବୁଛି ଏହା ଏକ ଭଲ କଥା ।ଏପରି ଫିଲ୍ମଗୁଡ଼ିକର ସମୟ ଥିଲା । ଯଦି ଭବିଷ୍ୟତରେ ଏକ ଭଲ କମେଡି ସ୍କ୍ରିପ୍ଟ ଆସେ, ତେବେ ଦୁହେଁ ପୁଣି ଏକାଠି ଦେଖାଯାଇପାରନ୍ତି ।

## ଈଶ୍ୱରଙ୍କ ନାମ ବଜ୍ର ସଦୃଶ



ସବୁ ସମୟରେ ଓ ସବୁ ଅବସ୍ଥାରେ ଶ୍ରଦ୍ଧା ତଥା ଭକ୍ତିରେ ଈଶ୍ୱରଙ୍କ ନାମ ସ୍ମରଣ କରିବା ଉଚିତ। ଈଶ୍ୱରନାମ ବଜ୍ର ସଦୃଶ, ଯାହାପର୍ବତ ପ୍ରମାଣ ପାପକୁ ମଧ୍ୟ ତରଳାଇ ଦେଇପାରେ। ଦୂରନ୍ତ ଭବରୋଗର ଏହା ଅବ୍ୟର୍ଥ ମହୌଷଧ। ସେଇ ନାମ ତୁମକୁ ନିଶ୍ଚୟ ଶାନ୍ତି ପ୍ରଦାନ କରିବ। ମାୟାର ଅନ୍ଧକାରକୁ ବିତାଡ଼ିତ କରୁଥିବା ଜ୍ଞାନର ଉଦୟମାନ ସୂର୍ଯ୍ୟର ଆଲୋକ ପରି ହରିନାମ ଜ୍ୟୋତିର୍ମୟ, ଏହା ଯେପରି ଦୀପ୍ତିମାନ ସେହିପରି ବିଶ୍ୱମୟ ଓ ପବିତ୍ର। ପବିତ୍ର ହରିନାମକୁ ମୁହୂର୍ତ୍ତେ ମାତ୍ର ଅପବ୍ୟବହାର କରନାହିଁ। ସେହି ନାମ ସ୍ମରଣ ନ କରି ମୁହୂର୍ତ୍ତେ ମାତ୍ର ସମୟ କାଟ ନାହିଁ। ମନେରଖ ଯେ, ଏହି ହରିନାମ ଏପରି ମିଠା ଯେ, ପ୍ରହ୍ଲାଦ ଉଚ୍ଚାରଣ କଲାମାତ୍ରେ ତାହା ଶୁଣୁଥିବା ଅସୁରମାନଙ୍କର ହୃଦୟ ମଧ୍ୟ ପରିବର୍ତ୍ତିତ ହୋଇ ଯାଉଥିଲା। ହରିନାମର ଏପରି ମାଧୁରୀ ଯେ, ପ୍ରହ୍ଲାଦ ସହ ହରିନାମ ଗାଇ ଗାଇ ଅସୁର ସନ୍ତାନମାନେ ଆନନ୍ଦ ଉଲ୍ଲାସରେ ନୃତ୍ୟ କରୁଥିଲେ ।

# ପିତ୍ତଳ ବାସନର ଚମତ୍କାରୀ ଲାଭ

ପିତ୍ତଳ ବାସନ ଓ ପାତ୍ର ଘରେ ରଖିବା ଖୁବ ଶୁଭ ବୋଲି ମାନ୍ୟତା ରହିଛି। ଉତ୍ତମ ସ୍ୱାସ୍ଥ୍ୟ ଦୃଷ୍ଟି କୋଣରୁ ପିତ୍ତଳ ପାତ୍ରରେ ପ୍ରସ୍ତୁତ ଭୋଜନ ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟ ପାଇଁ ଖୁବ ହିତକାରକ। ଏହା ଶରୀରକୁ ଆରୋଗ୍ୟ ରଖିବା ସହ ଆବଶ୍ୟକ ପରିମାଣରେ ଶକ୍ତି ପ୍ରଦାନ କରିଥାଏ। ଅନ୍ୟ ବାସନ ତୁଳନାରେ ଏହି ବାସନ ଖୁବ ଶକ୍ତ। ପିତ୍ତଳ କଳସରେ ରଖାଯାଇଥିବା ଜଳ ଶରୀରକୁ ଖୁବ ଶକ୍ତି ପ୍ରଦାନ କରିବା ସହ ସୁସ୍ଥ ରଖିବାରେ ବେଶ ସହାୟକ ହୋଇଥାଏ। ପିତ୍ତଳ ବାସନ ମଧ୍ୟରେ ଥାଳି, ପାତ୍ର, ଗ୍ଲାସ, ଲୋଟା, ଦେବାଦେବୀଙ୍କ ମୂର୍ତ୍ତି, ସିଂହାସନ, ଘଣ୍ଟ, ବିଭିନ୍ନ ବାଦ୍ୟଯନ୍ତ୍ର ଆଦି ରହିଛି। ଜାଣନ୍ତୁ ପିତ୍ତଳ ବାସନ ସହ ଜଡିତ କିଛି ସରଳ ଉପାୟ ବିଷୟରେ.



■ ଭାଗ୍ୟରେ ସୁପରିବର୍ତ୍ତନ ପାଇଁ ପିତ୍ତଳର ଏକ ପାତ୍ରରେ ଚଣା ବତୁରାଇ ରାତି ସାରା ନିଜ ମୁଣ୍ଡରେ ନିକଟରେ ରଖନ୍ତୁ। ସକାଳେ ଏହି ଚଣାରେ କିଛି ଗୁଡ ମିଶାଇ ଗାଈଙ୍କୁ ଖାଇବାକୁ ଦିଅନ୍ତୁ।

■ ଧନସମ୍ପତ୍ତି ବୃଦ୍ଧି ଓ ଧନର ଅଭାବ ଦୂର ପାଇଁ ପୂର୍ଣ୍ଣିମା ଦିନ କଳସରେ ଦେଶୀ ଘିଅ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ଅର୍ପଣ କରିବା ପରେ ସେହି ଘିଅକୁ ଅସହାୟଙ୍କୁ ଦାନ କରନ୍ତୁ।

■ ମା'ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ପାଇଁ ବୈଭବ ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବା ସହ ପିତ୍ତଳର ଦୀପରେ ଶୁଦ୍ଧ ଘିଅ ବ୍ୟବହାର କରି ମା'ଙ୍କ ନିକଟରେ ଦୀପ ଲଗାନ୍ତୁ।

■ ଦୁର୍ଭାଗ୍ୟରୁ ମୁକ୍ତି ପାଇବା ପାଇଁ ପିତ୍ତଳର ଏକ ପାତ୍ରରେ ଦହି ଭର୍ତ୍ତି କରି ଉକ୍ତ ଦହି ପାତ୍ର ସହ ଅଶ୍ୱ ବୃକ୍ଷ ନିକଟରେ ରଖନ୍ତୁ।

■ସୌଭାଗ୍ୟ ପ୍ରାପ୍ତି ପାଇଁ ପିତ୍ତଳର କଳସରେ ଚଣାଡାଲି ଭର୍ତ୍ତି କରି ଭଗବାନ ବିଷ୍ଣୁଙ୍କୁ ମନ୍ଦିରରେ ଅର୍ପଣ କରନ୍ତୁ।


# ଶ୍ରେଷ୍ଠ ସଂଯମ



ଥରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସହିତ ଏକାନ୍ତରେ ବସିଥା'ନ୍ତି। ଦୁହିଁଙ୍କ ମଧ୍ୟରେ ଧର୍ମ ଚର୍ଚ୍ଚା ହେଉଥାଏ। ଶ୍ରେଷ୍ଠ ଧନୁର୍ଦ୍ଧାରୀ ଅର୍ଜୁନ ପ୍ରଶ୍ନ କଲେ- ଭଗବାନ ! କେହି ବ୍ୟକ୍ତି ପାପ କରିବାକୁ ଚାହିଁନଥାଏ। ପ୍ରତ୍ୟେକ ବ୍ୟକ୍ତି ଧର୍ମ ଚର୍ଚ୍ଚା କରିବାକୁ ଚାହିଁଥାଏ। ଏପରି ସ୍ଥିତିରେ କେଉଁ କାରଣରୁ ମନୁଷ୍ୟ ପାପ କର୍ମରେ ଲିପ୍ତ ହୋଇଥାଏ କିମ୍ବା କରିଥାଏ। କିଏ ତା'କୁ ସେପରି ପାପ କରିବା ଲାଗି ପ୍ରେରିତ କରେ ? ଭଗବାନ ଶ୍ରୀକୃଷ୍ଣ କହିଲେ, ହେ ପାର୍ଥ ! କାମ, କ୍ରୋଧ, ଲୋଭ ଏବଂ ବିଷୟଜନିତ ଶତ୍ରୁ ମଣିଷକୁ ପାପ ମଧ୍ୟକୁ ଠେଲି ଦେଇଥାଏ। କାମନାର ଆବେଗ କାରଣରୁ ମନୁଷ୍ୟର ଆଚରଣ ଭ୍ରଷ୍ଟ ହୋଇଯାଏ। କ୍ରୋଧ ଏବଂ ଲୋଭ ତା'ର ଭୁଲ ଉପରେ ପରଦା ପକାଇ ବିଚଳିତ କରିଦେଇଥାଏ। ଲୋଭ ଏବଂ କ୍ରୋଧ କାରଣରୁ ମାନବ ଧର୍ମ-ଅଧର୍ମ ମଧ୍ୟରେ ପ୍ରଭେଦ କ'ଣ ଜାଣିପାରେନାହିଁ। ଏହି ଦୁର୍ଗୁଣରେ ଗ୍ରସ୍ତ ହୋଇ ମନୁଷ୍ୟ ଏହା ବୁଝିପାରିନଥାଏ ଯେ ସେ ପାପ କରୁଛି । ଏହି ଭୟାନକ ଦୁର୍ଗୁଣ କାରଣରୁ ତା'ଠାରେ ମୂଢ଼ତା ଉତ୍ପନ୍ନ ହୋଇଥାଏ। ଏହି ମୂଢ଼ତା କାରଣରୁ ସବୁକିଛି ଜାଣୁଥିଲେ ବି ସେ କିଛି ଜାଣିପାରିନଥାଏ। ସବୁକିଛି ଦେଖୁଥିଲେ ବି କିଛି ଦେଖିପାରେ ନାହିଁ। ତା' ଭିତରେ ଭଲ ଏବଂ ମନ୍ଦର, ଧର୍ମ ଏବଂ ଅଧର୍ମର ବିବେକ ଏବଂ ବିଚାର କରିବାର ଶକ୍ତି ଶେଷ ହୋଇଯାଏ। ଏହା ହିଁ ପତନର କାରଣ ଅଟେ। ଶ୍ରୀକୃଷ୍ଣ କିଛି କ୍ଷଣ ରହିବା ପରେ ପୁଣି କହିଲେ ଯେ ହେ ସଖା ଅର୍ଜୁନ ! ଆମ ଇନ୍ଦ୍ରିୟଗୁଡ଼ିକ ହେଉଛି ଆମର ସବୁଠୁ ବଡ଼ ଶତ୍ରୁ। ଧର୍ମ ଆଚରଣ ପୂର୍ବକ ଜୀବନ ଜିଇଁବାର ଦୃଢ଼ ସଂକଳ୍ପ ନେଉଥିବା, ସଂଯମ ଏବଂ ସଦାଚାରକୁ ଦୃଢ଼ ଭାବେ ପାଳନ କରୁଥିବା, ପ୍ରତିଟି ପାଦରେ ସତର୍କ ରହୁଥିବା, ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ରଖିବା ପାଇଁ ଅଭ୍ୟାସ କରୁଥିବା ଲୋକ ହିଁ ସବୁପ୍ରକାରର ଅଧର୍ମରୁ, ପାପ କର୍ମ ଠାରୁ ବର୍ତ୍ତି ପାରିଥାଏ। ସେଥିପାଇଁ ଧର୍ମ ଶାସ୍ତ୍ରରେ ସଂଯମର ମହତ୍ତ୍ୱ ବ୍ୟକ୍ତ କରାଯାଇଛି। କାମ, କ୍ରୋଧ, ଲୋଭ ଆଦିରୁ ମୁକ୍ତ ରହିବା ହିଁ ଶ୍ରେଷ୍ଠ ସଂଯମ ବୋଲି କୁହାଯାଇଛି। ଏହିପରି ଅର୍ଜୁନଙ୍କ ଜିଜ୍ଞାସାର ସମାଧାନ କରି ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ଧନ୍ୟ କରିଥିଲେ ।

## ତ୍ୱଚା ଓ ସ୍ୱାସ୍ଥ୍ୟ ପାଇଁ ରାମବାଣ ଆଳୁ

ଆଜିକାଲି ଅଧିକାଂଶ ଲୋକ ରାତିରେ ବିଳମ୍ବରେ ଶୋଉଛନ୍ତି। ସୋସିଆଲ ମିଡ଼ିଆରେ ଅଧିକ ସମୟ ବିତାଉଛନ୍ତି ଲୋକେ। ବିଶେଷକରି ରାତି ସମୟରେ ଅଧିକ ମୋବାଇଲ ବ୍ୟବହାର କରିଥାନ୍ତି। ଯେଉଁଥିପାଇଁ



ଆଖି ତଳେ କଳା ଦାଗ ହୋଇଯାଏ। ଏହା ବର୍ତ୍ତମାନ ଏକ ସାଧାରଣ ସମସ୍ୟା ହୋଇଗଲାଣି। ଭାରତରେ ମହିଳାମାନଙ୍କ ମଧ୍ୟରେ ରକ୍ତଭାବ ବା ଏନିମିଆ ମଧ୍ୟ ଏକ ସାଧାରଣ ସମସ୍ୟା। ଅଧିକାଂଶ ଲୋକ ଓଜନ କମ କରିବାକୁ ଯାଇ ଆଳୁ ଖାଉନାହାନ୍ତି। କିନ୍ତୁ ଆଳୁର ଅନେକ ଫାଇଦା ମଧ୍ୟ ଅଛି। ଯଦି ଆପଣଙ୍କ ଚୁଟି ପାଚି ଯାଉଛି ଆଉ ଆପଣ ରଙ୍ଗ କରୁଛନ୍ତି ତାହେଲେ ହେୟାର କଲର ପରିବର୍ତ୍ତେ ଆଳୁ ଚୋପା ବ୍ୟବହାର କରିପାରିବେ। ଗୋଟିଏ ଗିନା ଆଳୁ ଚୋପାକୁ ଅଧା ଲିଟର ପାଣିରେ ଫୁଟାଇ ଦିଅନ୍ତୁ। ପାଣି ଫୁଟି ଫୁଟି ୪-୫ ଚାମଚ ହୋଇଗଲେ ତାକୁ ଥଣ୍ଡା କରି କେଶ ମୂଳରେ ଲଗାନ୍ତୁ। ଆଳୁ ଚୋପା ରକ୍ତଚାପ ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ହୋଇଥାଏ। ଆଳୁରେ ଭିଟାମିନ-ସି ଓ ପୋଟାସିୟମ ରହିଛି। ଏହି ଦୁଇଟି ଭିଟାମିନ ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ସେଥିପାଇଁ ଆଳୁକୁ ସବୁବେଳେ ଚୋପା ସହ ବ୍ୟବହାର କରିବ ଉଚିତ। ଆଳୁ ଚୋପାରେ ଭରପୁର ମାତ୍ରାରେ କ୍ୟାଲସିୟମ ଓ ଭିଟାମିନ-ବି କମ୍ପ୍ଲେକ୍ସ ରହିଛି। ଆଳୁ ଖାଇବା ଦ୍ୱାରା ହାଡ ମଜବୁତ ହୋଇଥାଏ ଓ ଶରୀରକୁ ଶକ୍ତି ମିଳିଥାଏ। ସେଥିପାଇଁ ଭୋଜନରେ ଆଳୁକୁ ନିଶ୍ଚୟ ସାମିଲ କରନ୍ତୁ। ଓଜନ କମ କରିବାକୁ ଆଳୁ ନ ଖାଇବାକୁ ଅନେକ ଲୋକଙ୍କୁ ପରାମର୍ଶ ଦିଆଯାଇଥାଏ। କିନ୍ତୁ ଯେକୌଣସି ଜିନିଷ ନିୟନ୍ତ୍ରିତ ମାତ୍ରାରେ ଖାଇବା ହାନିକାରକ ନୁହେଁ। ଠିକ ସେହିଭଳି ଆଳୁ ମଧ୍ୟ ନିୟନ୍ତ୍ରିତ ମାତ୍ରାରେ ଖାଇବା ହାନିକାରକ ନୁହେଁ। ସେଥିପାଇଁ ଭୋଜନରେ କିଛି ମାତ୍ରାରେ ଆଳୁ ନିଶ୍ଚୟ ସାମିଲ କରନ୍ତୁ। ଶରୀରକୁ କିଛି ମାତ୍ରାରେ ଫ୍ୟାଟ ଓ ଗ୍ଲୁକୋଜ ମଧ୍ୟ ଆବଶ୍ୟକ ହୋଇଥାଏ ଯାହା ଆଳୁ ପୁରା କରିଥାଏ।

ନଗରନକ୍ସା
ମହାନଗରର ନିଜ ଭାଷା

ସୋମବାର, ୨୯ ଜୁନ୍, ୨୦୨୬



# ସହରାଂଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ଶୁଭାରମ୍ଭ

ଭୁବନେଶ୍ୱର, ୨୮।୬ (ମହାଭାରତ): ଏକ ସ୍ୱଚ୍ଛ, ନାଗରିକ-କେନ୍ଦ୍ରିକ ଏବଂ ଭବିଷ୍ୟତ ଉପଯୋଗୀ ସହରୀ ଶାସନ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ, ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ପୁରୀ ମହାନଗର ନିଗମଠାରେ "ବିକାଶ ର ଧାରା ଓଡ଼ିଶା ସାରା" ଅଭିମୁଖ୍ୟରେ ରାଜ୍ୟସ୍ତରୀୟ ସହରାଂଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ୨୦୨୬ ଟାଉନହଲ ଠାରେ ଆୟୋଜିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାର ସହରାଂଚଳରେ ହୋଇଥିବା ରୂପାନ୍ତରଣକାରୀ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା ଏବଂ ନାଗରିକ, ହିତାଧିକାରୀ ଓ ସରକାରୀ ପ୍ରତିନିଧିମାନଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପାଇଁ ଏକ ମଂଚ ପ୍ରଦାନ କରାଯାଇଥିଲା। ସମାବେଶକୁ ସମ୍ବୋଧିତ କରି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ସହରୀ ଭିତିଭୂମି, ଗୃହନିର୍ମାଣ, ଯାତାୟାତ, ପାନୀୟ ଜଳ ଯୋଗାଣ, ପରିମଳ ଏବଂ ଡିଜିଟାଲ ଶାସନ କ୍ଷେତ୍ରରେ ପୁଞ୍ଜିନିବେଶ ମାଧ୍ୟମରେ ସ୍ୱଚ୍ଛ, ସ୍ମାର୍ଟ, ଅଧିକ ସମାବେଶୀ ଓ ସୁଦୃଢ଼ ସହର ଗଠନ ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ।ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ବିକାଶର ସୁଫଳ ଯେପରି ସହରର ପ୍ରତ୍ୟେକ ପରିବାର ଏବଂ ନାଗରିକ ପାଖରେ ପହଂଚିପାରିବ, ତାହା ସରକାର ନିଶ୍ଚିତ କରୁଛନ୍ତି। ଏଥିସହିତ ପୁରୀକୁ ଭୁବନେଶ୍ୱର- କଟକ- ପୁରୀ-ପାରାଦୀପ ଅର୍ଥନୈତିକ ଅଂଚଳ ଆଧାରରେ ସାମିଲ କରାଯିବା ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ସେ ପ୍ରକାଶ କରିଥିଲେ।ଏହି ବୃହତ ଆଂଚଳିକ ବିକାଶର ମୁଖ୍ୟ ମୁଖ୍ୟ ଶକ୍ତି ଭାବେ, ପୁରୀ ଏକ ପ୍ରମୁଖ ସାଂସ୍କୃତିକ ଓ ଐତିହ୍ୟ କେନ୍ଦ୍ର ରୂପେ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ, ଆତିଥ୍ୟ ଏବଂ ଉପକୂଳବର୍ତୀ ଭିତିଭୂମି ପ୍ରକଳ୍ପଗୁଡ଼ିକୁ ଆଗକୁ ବଢ଼ାଇବ, ଯାହା ରାଜ୍ୟର ଅର୍ଥନୀତିକୁ ବିକାଶ କେନ୍ଦ୍ରରେ ପରିଣତ କରିବାରେ ସହାୟକ ହେବ।ପୁରୀ ସହରରେ ଏକ ହଜାର ରୁ ଉର୍ଦ୍ଧ୍ୱ ସଂଖ୍ୟା ବିଶିଷ୍ଟ ଆଧୁନିକ କନଭେନସନ ହଲ କରାଯିବ। ରାଜ୍ୟର ୫୦ ଟି ସହରାଂଚଳ କୁ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ଯୋଜନା ରେ ସାମିଲ କରାଯିବ।ପୁରୀ ମହାନଗର ନିଗମ କୁ ବିଶ୍ୱ ସ୍ତରୀୟ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗ ଦେଇଥିଲେ।



ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରମୁଖ ସହରୀ ପଦକ୍ଷେପଗୁଡ଼ିକୁ ନେଇ କେତେକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା, ଯେଉଁଥିରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ପିଏମ୍ ସ୍ୱନିଧି , ପିଏମ୍ଏୱାଇ (ସହରାଂଚଳ), ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ମିଶନ ଶକ୍ତି ଦ୍ୱାରା ପରିଚାଳିତ ଜଳସାଥୀ କାର୍ଯ୍ୟକ୍ରମ, କ୍ୟୁଟ୍ , ଆମ ବସ୍, ଓଡ଼ିଶା ଯାତ୍ରୀ, ଷ୍ଟ୍ରିଟ୍ ଲାଇଟ୍, ବର୍ଜ୍ୟବସ୍ତୁ ପରିଚାଳନା, ଗରିମା, ସହଯୋଗ (ଝଇଐଇଔଙଏ) ନାଗରିକ ସେବା ଏବଂ ଡିଜିଟାଲ ଶାସନ ସଂସ୍କାର ସାମିଲ ଥିଲା। ଉଠା ଦୋକାନୀ, ଚଗଇଣ ହିତାଧିକାରୀ, ପାନୀୟ ଜଳ ଗ୍ରାହକ ଏବଂ ସହରୀ ଭିତିଭୂମିର ଉପଭୋକ୍ତାଙ୍କ ସମେତ ବିଭିନ୍ନ ଯୋଜନାର ହିତାଧିକାରୀମାନେ ସେମାନଙ୍କର ସଫଳତାର କାହାଣୀ ଓ ଅନୁଭୂତି ବାଂଟିଥିଲେ ଏବଂ ସରକାରୀ ସହାୟତା ସେମାନଙ୍କ ଜୀବନରେ କିପରି ସକାରାତ୍ମକ ପ୍ରଭାବ ପକାଇଛି, ତାହା ଉଲ୍ଲେଖ କରିଥିଲେ। ହିତାଧିକାରୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ।

# ଆରଓବି କାର୍ଯ୍ୟର ଅଗ୍ରଗତି ସମୀକ୍ଷା

ଭୁବନେଶ୍ୱର, ୨୮।୬ (ମହାଭାରତ): ଆଗକୁ ରଥଯାତ୍ରା ଆସୁଛି ଓ ଏଥିଲାଗି ରାଜ୍ୟ ତଥା ରାଜ୍ୟ ବାହାରୁ ପୁରୀକୁ ଅନେକ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଆସିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ପୁରୀ ସହର ଏବଂ ସହରକୁ ସଂଯୋଗ କରୁଥିବା ରାସ୍ତା ଓ ଗମନା ଗମନ ମାର୍ଗର ସୁଦୃଢ଼ୀକରଣ ଉପରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ଗୁରୁତ୍ୱ ଦେଇ ଆସୁଛନ୍ତି ।ଏହି କ୍ରମରେ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏନ୍ଏଚ୍-୩୧୬ ଅନ୍ତର୍ଗତ ମାଟିଆପଡ଼ା ରୋଡ୍ ଓଭର ବ୍ରିଜ୍ (ଆରଓବି) ନିର୍ମାଣ ସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବୋ-ଷ୍ଟ୍ରିଙ୍ଗ ଗାର୍ଡର କାର୍ଯ୍ୟ ପରିଦର୍ଶନ କରିବା ସହ ପ୍ରକଳ୍ପର ଅବଶିଷ୍ଟ କାର୍ଯ୍ୟର ସମୀକ୍ଷା କରିଥିଲେ। ୨୬ ଜୁନ ୨୦୨୬ରେ ଆରଡିଏସ୍ଓ ଦଳର ପରିଦର୍ଶନ ପରେ ଅବଶିଷ୍ଟ ଦୁଇଟି ସ୍ଥାନର ବୋ-ଷ୍ଟ୍ରିଙ୍ଗ ଗାର୍ଡର ଲଂଚିଂ ସହ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ ଜାତୀୟ ରାଜପଥ ବିଭାଗର ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ, କ୍ରାସ୍ ବ୍ୟାରିୟର ଢଳେଇ, ଉଭୟ ପାର୍ଶ୍ୱର ଆପ୍ରୋଚ୍ ରୋଡରେ ପିଚୁ-କଙ୍କ୍ରିଟ୍ ବିଛାଇବା, ଏକ୍ସପାନସନ୍ ଜଏଂଟ ସ୍ଥାପନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକୁ ସମାନ୍ତରାଳ ଭାବେ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ନିର୍ମାଣ ବିଭାଗ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଅଗ୍ରଗତି ଉପରେ ନିରନ୍ତର ନଜର ରଖିଛି ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ଏହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ପ୍ରତିବଦ୍ଧ। ଏଥି ସହିତ ଆସନ୍ତା ରଥଯାତ୍ରା-୨୦୨୬ ପୂର୍ବରୁ ଆରଓବିର ଉଭୟ ପାର୍ଶ୍ୱରେ ଥିବା ସର୍ଭିସ୍ ରୋଡ୍ କୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରି ଯାତାୟାତ ଉପଯୋଗୀ କରିବାକୁ ମଧ୍ୟ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ମୁଖ୍ୟ ଯନ୍ତ୍ରୀ, ତତ୍ତ୍ୱାବଧାୟକ ଯନ୍ତ୍ରୀ (ଜାତୀୟ ରାଜପଥ) ଏବଂ କାର୍ଯ୍ୟ ନିର୍ବାହୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଟାଇମ୍ସ ହାୟର ର୍ୟାଙ୍କିଂ : ଚତୁର୍ଥ ସ୍ଥାନକୁ ଉଠିଲା କିଟ୍

ଭୁବନେଶ୍ୱର, ୨୮।୬ (ମହାଭାରତ): ଟାଇମ୍ସ ହାୟର ଏଜୁକେସନ୍ ସଷ୍ଟେନେବିଲିଟି ଇଂପାକ୍ଟ ର୍ୟାଙ୍କିଙ୍ଗ୍ସ ୨୦୨୬ରେ ଭାରତର ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିଟ୍ ୪ର୍ଥ ସ୍ଥାନ ହାସଲ କରିଛି। ଗତ ବର୍ଷ କିଟ୍ ଏହି ର୍ୟାଙ୍କିଙ୍ଗର ୫ମ ସ୍ଥାନରେ ଥିଲା। ଏହା ସହିତ ବିଶ୍ୱ ସ୍ତରରେ କିଟ୍ ୧୦୧-୨୦୧ କୋହୋର୍ଟରେ ରହିଛି। ଏଥିରେ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ସମସ୍ତ ୧୭ ଟି ଲକ୍ଷ୍ୟ ପୂରଣ କରିଛି। କିଟ୍ ୪ଟି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପାଇଁ ଭାରତରେ ଶୀର୍ଷ ସ୍ଥାନ ହାସଲ କରିଛି। ସେଗୁଡ଼ିକ ହେଲା- ଅସମାନତା ହ୍ରାସ (ଏସ୍‌ଡିଜି ୧୦) ଜଳ ତଳେ ଜୀବନ (ଏସ୍‌ଡିଜି ୧୪), ଭୂମି ଉପରେ ଜୀବନ (ଏସ୍‌ଡିଜି ୧୫) ଓ ଶାନ୍ତି, ନ୍ୟାୟ ଓ ଦୃଢ଼ ପ୍ରତିଷ୍ଠାନ (ଏସ୍‌ଡିଜି ୧୬)। ଏହା ସହିତ, କିଟ୍ ଶିଳ୍ପ, ନବସର୍ଜନା ଓ ଭିତିଭୂମି (ଏସ୍‌ଡିଜି ୯) ପାଇଁ ସମଗ୍ର ଭାରତରେ ଦ୍ୱିତୀୟ ସ୍ଥାନ ହାସଲ କରିବା ସହ ଅନ୍ୟ ସମସ୍ତ ଏସ୍‌ଡିଜିରେ ଦେଶର ଶ୍ରେଷ୍ଠ ୧୦ ର୍ୟାଙ୍କ ବଜାୟ ରଖିଛି। ସେହିପରି ଅନେକ ପ୍ରମୁଖ ମାନଦଣ୍ଡରେ କିଟ୍ ଶତ ପ୍ରତିଶତ ସ୍କୋର ହାସଲ କରିଛି। ଏଥିରେ ସ୍ୱାସ୍ଥ୍ୟସେବା ସହଯୋଗ (ଏସ୍‌ଡିଜି ୩), ଗୁଣାତ୍ମକ ଶିକ୍ଷା ପାଇଁ ଗୁଣାତ୍ମକ ଶିକ୍ଷା ପଦକ୍ଷେପ (ଏସ୍‌ଡିଜି ୪), ଶକ୍ତି ସଂରକ୍ଷଣ ପାଇଁ ପ୍ରୟାସ (ଏସ୍‌ଡିଜି ୭), ଅସମାନତା ହ୍ରାସ କରିବା ପାଇଁ ପଦକ୍ଷେପ (ଏସ୍‌ଡିଜି ୧୦) ଓ ସରକାରଙ୍କ ସହ ସକ୍ରିୟ ସହଯୋଗ (ଏସ୍‌ଡିଜି ୧୬) ଆଦି ଅନ୍ତର୍ଭୁକ୍ତ। ଟାଇମ୍ସ ହାଇୟର ଏଜୁକେସନ୍ ବିଶ୍ୱବିଦ୍ୟାଳୟଗୁଡ଼ିକର ଗ୍ଲୋବାଲ୍ ର୍ୟାଙ୍କିଂ କରିବା ବ୍ୟତୀତ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ କେଉଁ ସବୁ ବିଶ୍ୱବିଦ୍ୟାଳୟ କେତେ



ପରିମାଣରେ ସାମାଜିକ ପ୍ରଭାବ ସୃଷ୍ଟି କରିଛନ୍ତି ତା ଉପରେ ମଧ୍ୟ ର୍ୟାଙ୍କିଂ କରିଥାଏ। ସେହି ଆଧାରରେ କିଟ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ କିଟ୍ ଭଲ ର୍ୟାଙ୍କ ପ୍ରଦର୍ଶନ କରିଆସୁଛି। ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ଗତବର୍ଷଠାରୁ ଚଳିତବର୍ଷ ଉଭୟ କିଟ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଇମ୍ପାକ୍ଟ ର୍ୟାଙ୍କିଙ୍ଗରେ ଚମତ୍କାର ପ୍ରଦର୍ଶନ କରିଛି।

# ବିଏମ୍ସି ସହରାଞ୍ଚଳ ଜନସଂପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୮।୬ (ମହାଭାରତ): ଭୁବନେଶ୍ୱର , ୨୫ ଜୁନ୍ (ହି.ସ.) - ରାଜ୍ୟ ସରକାରଙ୍କ ପକ୍ଷରୁ ୨ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜ୍ୟ ବ୍ୟାପି ଚାଲିଥିବା ବିକାଶର ଧାରା, ଓଡିଶା ସାରା କାର୍ଯ୍ୟକ୍ରମ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ବିଏମ୍ ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ବିକାଶ ଧାରା, ଓଡିଶା ସାରା ଅଂଶ ସ୍ୱରୂପ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସଂପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ବିଏମ୍ ସି କମିଶନର ଶ୍ରୀ ଚଞ୍ଚଳ ରାଣା, ଶିକ୍ଷା ଓ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ଶ୍ରୀ ରାମଚନ୍ଦ୍ର ରଣସିଂହ, ୱାର୍କସ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଶ୍ରୀ ଶ୍ରୀଧର ବେହେରା, ସିଟି ଇଂଜିନିୟର ଶ୍ରୀ ପ୍ରଫୁଲ ରଇତ, ବହୁ କର୍ପୋରେଟର ମଂଚାସୀନ ଥିଲେ ।

ଏହି ଅବସରରେ ବିଭିନ୍ନ ବର୍ଗରେ ଉଲ୍ଲେଖନୀୟ କାର୍ଯ୍ୟକରିଥିବା



ସ୍ୱଚ୍ଛକର୍ମୀ, ସଫେଇ ଗାଡି ଡ୍ରାଇଭର, ଆବାସିକ ସଂଗଠନ, ବହୁଳ ବର୍ଜ୍ୟ ଉତ୍ପନ୍ନକାରୀ ସଂସ୍ଥା, ସର୍ବାଧିକ ହୋଲଡିଂ ଟାକ୍ସ ଦେଉଥିବା ବ୍ୟକ୍ତି ବିଶେଷ, ଗୋଷ୍ଠୀ ସଂଗଠକ, ପ୍ରଧାନମନ୍ତ୍ରୀ ଗୃହ ହିତାଧିକାରୀ, ରାସ୍ତା ପାର୍ଶ୍ୱ ବ୍ୟବସାୟୀ, ବରିଷ୍ଠ ନାଗରିକ ପ୍ରମୁଖ ୩୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେହିପରି ଆଜି ବିଏମ୍ ସି ପକ୍ଷରୁ ୧୪ଟି ଉନ୍ନୟନ ମୂଳକ ପ୍ରକଳ୍ପର କାର୍ଯ୍ୟାଦେଶ ମାନନୀୟା ମେୟରଙ୍କ ଦ୍ୱାରା ପ୍ରଦାନ କରାଯାଇଛି।

ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ମହାନଗର ନିଗମର ୩ଗୋଟି ଜୋନର ୬ ଗୋଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ଜୋନାଲ କମିଶନର ସ୍ଥାନୀୟ କର୍ପୋରେଟର, ଡେପୁଟି କମିଶନର, ସହକାରୀ କମିଶନର, ସ୍ଥାନୀୟ ସଂଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ଆଦି ୧୦୦୦ରୁ ଅଧିକ ଲୋକ ଯୋଗଦେଇଥିଲେ । ଶେଷରେ ପୁରୀଠାରେ ଅନୁଷ୍ଠିତ ଓଡିଶା ସାରା, ବିକାଶର ଧାରା ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ସମସ୍ତଙ୍କୁ ସିଧାସଳଖ ଯୋଡି ଦିଆଯାଇଥିଲା ।

ରାଜ୍ୟ ସରକାରଙ୍କର ବିକାଶ ଧାରାରେ ନାଗରିକମାନଙ୍କର ସହଭାଗିତା ପାଇଁ ଆହ୍ୱାନ ଦେଇଛନ୍ତି ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ । ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଓଡିଶା ସ୍ୱପ୍ନ ସେହିଦିନ ସାକାର ହେବ, ଯେଉଁଦିନ ନାଗରିକମାନେ ପୂର୍ଣ୍ଣ ପ୍ରାଣରେ ସରକାରଙ୍କୁ ସହଯୋଗ କରିବେ ବୋଲି ସେ କହିଛନ୍ତି ।

ମହାନଗର ନିଗମକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରଖିବା ପାଇଁ ପରିମଳ ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି । ଭୁବନେଶ୍ୱର ଦେଶର ସ୍ୱଚ୍ଛ ସହର ତାଲିକାର ୯ମ ସ୍ଥାନରେ ରହିଛି । ବର୍ଜ୍ୟ ପ୍ରବଣ ଅଂଚଳକୁ ସୌନ୍ଦର୍ଯ୍ୟକରଣ କରାଯାଇଛି । ବୈଜ୍ଞାନିକ ପଦ୍ଧତିରେ ବର୍ଜ୍ୟ ପ୍ରକ୍ରିୟାକରଣ କରାଯାଉଛି । ପଳାଶୁଣିଠାରେ ମେଗା ଟିଟିଏସ୍ ପ୍ରତିଷ୍ଠା କରାଯାଇଛି।

# ବରଗଡର ଯୁବଚାଷୀ ଇଚ୍ଛାମୃତ୍ୟୁ ମାଗିବା ଓଡିଶା ପାଇଁ ନିନ୍ଦନୀୟ

ଭୁବନେଶ୍ୱର, ୨୮।୬ (ମହାଭାରତ): ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରେ ଚାଷୀ ଗୋପାଳ କୃଷ୍ଣ ସାହୁ କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିନପାରି ଶେଷରେ ବାଧହୋଇ ଇଚ୍ଛାମୃତ୍ୟୁ ମାଗିବା ଘଟଣା ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଛି । ସରକାରଙ୍କ ଏହି ଚାଷୀ ମାରଣ ନୀତିକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ବିଧାୟିକା ଶ୍ରୀମତୀ ବର୍ଷା ସିଂ ବରିହା କହିଥିଲେ ଯେ, ବରଗଡ଼ ଜିଲ୍ଲାର ଚାଷୀ ଗୋପାଳ କୃଷ୍ଣ ସାହୁ ନିଜର କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ବାରମ୍ବାର ଅଧିକାରୀଙ୍କ ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହେବା ଶେଷରେ ବାଧ ହୋଇ ଚରମ ପଦକ୍ଷେପ ସ୍ୱରୂପ ମହାମହିମ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ଇଚ୍ଛାମୃତ୍ୟୁ ମାଗିଛନ୍ତି ଏବଂ ସେହି ଇଚ୍ଛାମୃତ୍ୟୁକୁ ଜିଲ୍ଲା ପ୍ରଶାସନ ଗ୍ରହଣ କରିବା ଅତ୍ୟନ୍ତ ଲଜ୍ଜାଜନକ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ସରକାର ଚାହୁଁଛନ୍ତି ଚାଷୀ ଆତ୍ମହତ୍ୟା କରୁ । ରାଜ୍ୟର ଅନେକ ମଣ୍ଡିରୁ ଧାନ ଉଠୁନଥିବାରୁ ଚାଷୀକୂଳ ଚିନ୍ତାରେ ରହିଛି । ହଜାର ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିବାରୁ ମୌସୁମୀ ବର୍ଷାରେ ଭିଜି ଗଜା ହେଲାଣି । ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ଅହେତୁକ ଦରବୃଦ୍ଧି ଚାଷୀର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ଚାଷୀକୂଳର ସମସ୍ତ ସମସ୍ୟା ଡବଲ ଇଞ୍ଜିନ ସରକାର ତୁରନ୍ତ ସମାଧାନ କରନ୍ତୁ, ନଚେତ୍ ଚାଷୀକୂଳର ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ଲଢ଼େଇ ଜୋରଦାର କରିବ ।



ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଚାଷୀକୂଳକୁ ୩୧୦୦ ଟଙ୍କା ଦେଉଥିବାର ଡିଣ୍ଡିମ ପିଟୁଥିବା ଡବଲ ଇଞ୍ଜିନ ସରକାର ଅନ୍ୟପଟେ ୧୫ କିଲୋ କଟନୀ ଛଟନୀ କରି ସରକାର ଦୋମୁହାଁ ନୀତିର ପରିଚୟ ଦେଉଛନ୍ତି । ପ୍ରତିଥର ଧାନ ସଂଗ୍ରହ ପାଇଁ ଚାଷୀଙ୍କୁ ରାଜରାସ୍ତାକୁ ଓହ୍ଲାଇବାକୁ ପଡୁଛି । ମଣ୍ଡି ସମସ୍ୟା, ଟୋକନ ସମସ୍ୟା ଯୋଗୁଁ ଚାଷୀ ତାର ଧାନକୁ ବିକ୍ରି କରିନପାରି ଇଚ୍ଛାମୃତ୍ୟୁ ଭଳି ଚରମ ପଦକ୍ଷେପ ନେବାକୁ ବାଧ ହେଉଛି । ବରଗଡ଼ର ଚାଷୀ ଇଚ୍ଛାମୃତ୍ୟୁ ମାଗିବା ଓ ଜିଲ୍ଲା ପ୍ରଶାସନ ତାଙ୍କ ଆବେଦନକୁ ଗ୍ରହଣ କରିବା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଦୁଃଖ ଦେଇଛି । ଏଥିରୁ ସ୍ପଷ୍ଟ ହୋଇଛି ଯେ, ସରକାର କେତେ ଅସହାୟ ହୋଇପଡ଼ିଛନ୍ତି । ଧାନ ବିକ୍ରିର ୨୪ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବାର ପ୍ରତିଶ୍ରୁତି ସରକାର ଦେଉଛନ୍ତି, କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଓଡ଼ିଶାକୁ ନିନ୍ଦିତ ହେବାକୁ ପଡୁଛି । ବିଜୁ ଜନତା ଦଳ ଆଶା କରୁଛି, ସରକାର ଚାଷୀକୂଳ ପ୍ରତି ଯତ୍ନବାନ ହୁଅନ୍ତୁ ଓ ଚାଷୀକୂଳର ସବୁ ସମସ୍ୟା ଦୂର କରନ୍ତୁ ।

# ଓଡ଼ିଶା କୃଷିରେ ମହିଳାଙ୍କ ସଶକ୍ତିକରଣ

ଭୁବନେଶ୍ୱର, ୨୮।୬ (ମହାଭାରତ): ଓଡ଼ିଶାର କୃଷି କ୍ଷେତ୍ରରେ ମହିଳାମାନଙ୍କର ଭାଗିଦାରୀ ଓ ଅଧିକାରକୁ ଅଧିକ ମଜବୁତ କରିବା ପାଇଁ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏବଂ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଓ ଗବେଷଣା ପ୍ରତିଷ୍ଠାନ ମିଳିତ ଭାବେ ଭୁବନେଶ୍ୱରଠାରେ ଏକ ଦୁଇଦିନିଆ ସ୍ୱେଚ୍ଛାସେବୀ ଓ ପ୍ରଶିକ୍ଷଣ କର୍ମଶାଳାର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି 'ଲିଙ୍ଗଗତ-ସମ୍ବେଦନ ଶୀଳ କକ୍ଷ' ( ମାଧ୍ୟମରେ କୃଷି ନୀତିରେ ମହିଳା ଚାଷୀମାନଙ୍କୁ ସମାନ ସୁଯୋଗ ଓ ଗୁରୁତ୍ୱ ପ୍ରଦାନ କରିବା।

ସଚିନ ରାମଚନ୍ଦ୍ର ଜାଧବ, କୃଷି ସଚିବ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି କହିଥିଲେ ଯେ, କୃଷି କ୍ଷେତ୍ରରେ ମହିଳାମାନଙ୍କର ଅବଦାନକୁ କେବଳ ସାଂସ୍କୃତିକ ଦୃଷ୍ଟିକୋଣରୁ ଦେଖିଲେ ହେବନାହିଁ। ଏଥିପାଇଁ ସରକାରୀ ନୀତି ଏବଂ ପ୍ରଶାସନିକ ସ୍ତରରେ ବଡ଼ ପରିବର୍ତ୍ତନ ଆଣିବାକୁ ହେବ। ମହିଳା ଚାଷୀଙ୍କ ସଠିକ୍ ତଥ୍ୟ ସଂଗ୍ରହ କରି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଜରୁରୀ। ଶ୍ରୀ ଶୁଭ୍ରାଂଶୁ ମିଶ୍ର, ଅତିରିକ୍ତ ଶାସନ ସଚିବ କହିଛନ୍ତି ଯେ କୃଷି କ୍ଷେତ୍ରରେ ମହିଳାଙ୍କ ଭୂମିକାକୁ ଆଗକୁ ବଢ଼ାଇବା ପାଇଁ ପ୍ରମାଣ-ଆଧାରିତ ଏବଂ ସମସ୍ତଙ୍କୁ ସାଥିରେ ନେଇ ଚାଲିବା ଭଳି ନୂଆ ନୀତିର ଆବଶ୍ୟକତା ରହିଛି।

ଏହି ଦୁଇ ଦିନ ମଧ୍ୟରେ ଅଧିକାରୀମାନଙ୍କୁ କୃଷି ଯୋଜନାରେ ମହିଳାମାନଙ୍କ ପାଇଁ କେମିତି ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା କରାଯିବ ସେ ନେଇ ଆଲୋଚନା ହୋଇଥିଲା। ମହିଳା ଚାଷୀମାନଙ୍କୁ କିପରି ଡିଜିଟାଲ ଜ୍ଞାନକୌଶଳ ଓ ବ୍ୟାଙ୍କିଙ୍ଗ ସେବା ସହ ଯୋଡ଼ାଯାଇପାରିବ, ସରକାରୀ ତଥ୍ୟ ଏବଂ କମ୍ପ୍ୟୁଟର ସଫ୍ଟୱେର୍ ବ୍ୟବହାର କରି ମହିଳା ଚାଷୀଙ୍କ ସମସ୍ୟା ଓ ପ୍ରଗତିର ଆକଳନ କରିବା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କର୍ମଶାଳାରେ କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଇଆରଆଇ ,ଏନଆଇପିଏଫପି , ଏନସିଏଇଆର ଏବଂ ଆଇଏଫପିଆରଆଇ ଭଳି ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାର ବିଶେଷଜ୍ଞମାନେ ସାମିଲ ହୋଇଥିଲେ।

ଏହି ପଦକ୍ଷେପ ଦ୍ୱାରା ଓଡ଼ିଶା ଏବେ ଦେଶରେ କୃଷି କ୍ଷେତ୍ରରେ ସମାନତା ଓ ମହିଳା ସଶକ୍ତିକରଣ ଆଣିବାରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ। ମହିଳା ଚାଷୀମାନେ ସରକାରଙ୍କ ଯୋଜନାରୁ ସିଧାସଳଖ ସୁଫଳ ପାଇପାରିବେ।

# ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସ୍ୱର୍ଣ୍ଣିମ ଐତିହ୍ୟ ଉଦ୍‌ଯାପିତ

ଭୁବନେଶ୍ୱର, ୨୮।୬ (ମହାଭାରତ): ଓଡ଼ିଶା ଡାନ୍ସ ଏକାଡେମୀ (ଓଡିଏ)ର ତିନିଦିନିଆ ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ବୁଧବାର ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଓଡ଼ିଶୀ ସଙ୍ଗୀତର ସମୃଦ୍ଧ ପରମ୍ପରା ଓ ତାହାର ପ୍ରଖ୍ୟାତ ଗୁରୁଜନଙ୍କୁ ସମର୍ପିତ ଏକ ସ୍ମରଣୀୟ ସନ୍ଧ୍ୟା ସହିତ ସମାପ୍ତ ହୋଇଥିଲା।

ସମାପନୀ ଦିବସରେ ସେହି କିମ୍ବଦନ୍ତୀ ସଙ୍ଗୀତଜ୍ଞମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଗୁରୁ, ପ୍ରଖ୍ୟାତ କଳାକାର ଏବଂ ପ୍ରତିଭାଶାଳୀ ଯୁବ ଶିଳ୍ପୀମାନେ ଏକତ୍ରିତ ହୋଇ ଓଡ଼ିଶାର ଚିରନ୍ତନ ସାଂସ୍କୃତିକ ଐତିହ୍ୟକୁ ଉତ୍ସବମୁଖର କରିଥିଲେ ।ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ସଙ୍ଗୀତଜ୍ଞମାନଙ୍କ ଦ୍ୱାରା 'ଜଳ ତର୍ପଣ' ସହିତ, ଯାହା ଓଡ଼ିଶୀ ସଙ୍ଗୀତର ପରଲୋକଗତ ଗୁରୁଙ୍କ ପ୍ରତି ଏକ ଗମ୍ଭୀର ଏବଂ ଶ୍ରଦ୍ଧାପୂର୍ଣ୍ଣ ନିବେଦନ ଥିଲା। ଏହି ଅନୁଷ୍ଠାନ ସେହି ଦୂରଦର୍ଶୀ କଳାସାଧକମାନଙ୍କ ପ୍ରତି ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଥିଲା, ଯାହାଙ୍କ କଳାତ୍ମକ ଐତିହ୍ୟ ଆଜି ମଧ୍ୟ ପିଢ଼ି ପରେ ପିଢ଼ି ସଙ୍ଗୀତଜ୍ଞ ଓ ନୃତ୍ୟଶିଳ୍ପୀମାନଙ୍କୁ ପ୍ରେରଣା ଦେଇ ଆସୁଛି।

ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବର ଅଂଶ ଭାବେ 'ଓଡ଼ିଶୀ ସଙ୍ଗୀତର ମହାନ କଳାକାରମାନଙ୍କୁ ଶ୍ରଦ୍ଧାଞ୍ଜଳି ସହିତ ସୁବର୍ଣ୍ଣ ଜୟନ୍ତୀ ପାଳନ' ଶୀର୍ଷକ ଏକ ବିଶେଷ କାର୍ଯ୍ୟକ୍ରମରେ ଶ୍ରୀମତୀ ଶ୍ୟାମାମଣି ଦେବୀ, ଗୁରୁ ରାମହରି ଦାସ, ଡଃ ବିଜୟ କୁମାର ଜେନା ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଚିରସ୍ଥାୟୀ ଅବଦାନକୁ ସମ୍ମାନିତ କରାଯାଇଥିଲା, ଯେଉଁମାନେ ଓଡ଼ିଶୀ ସଙ୍ଗୀତ ପରମ୍ପରାକୁ ଉଲ୍ଲେଖନୀୟ ଭାବେ ସମୃଦ୍ଧ କରିଛନ୍ତି।

ଦର୍ଶକମାନେ ବାଦ୍ୟ ବାଣୀ ଗୁରୁକୁଳର ପାରଙ୍ଗତ ବାଦ୍ୟବୃନ୍ଦ ଦ୍ୱାରା ପ୍ରସ୍ତୁତ ଏକ ଅସାଧାରଣ 'ତାଳ ବାଦ୍ୟ' ପରିବେଷଣର ସ୍ୱାଦ ଉପଭୋଗ କରିଥିଲେ। ଏହି ପରିବେଷଣ ଓଡ଼ିଶାର ପାରମ୍ପରିକ ତାଳବାଦ୍ୟ ଐତିହ୍ୟର ଲୟାତ୍ମକ ଉଜ୍ଜ୍ୱଳତା, କାରିଗରୀ ନିପୁଣତା ଓ ସୌନ୍ଦର୍ଯ୍ୟମୟ ଗଭୀରତାକୁ ପ୍ରକାଶ କରିବା ସହିତ ଉଚ୍ଚ ପ୍ରଶଂସା ଅର୍ଜନ କରିଥିଲା।

ସନ୍ଧ୍ୟାର ଆଉ ଏକ ପ୍ରମୁଖ ଆକର୍ଷଣ ଥିଲା ପ୍ରଖ୍ୟାତ ବେହେଲା ବାଦକ ଶ୍ରୀ ଅଗ୍ନିମିତ୍ର ବେହେରା ଏବଂ ତାଙ୍କ ବାଦ୍ୟବୃନ୍ଦଙ୍କ ଦ୍ୱାରା ପ୍ରସ୍ତୁତ 'ପଲ୍ଲବୀ ମୂର୍ଚ୍ଛନା'। ଏହି ମନୋମୁଗ୍ଧକର ସଙ୍ଗୀତ ପରିବେଷଣ ଓଡ଼ିଶୀ ସଙ୍ଗୀତର ସୁରମୟ ସମୃଦ୍ଧି ଏବଂ ସୃଜନଶୀଳ ଆଳାପନର ସୌନ୍ଦର୍ଯ୍ୟକୁ ଉଜାଗର କରି ଦର୍ଶକମାନଙ୍କ ପାଇଁ ଏକ ନିମଗ୍ନ କଳାତ୍ମକ ଅନୁଭୂତି ସୃଷ୍ଟି କରିଥିଲା।

ଏହି ଅବସରରେ ମତ ପ୍ରକାଶ କରି ଓଡ଼ିଶା ଡ୍ୟାନ୍ସ ଏକାଡେମୀର ପ୍ରତିନିଧିମାନେ ଗତ ପଚାଶ ବର୍ଷରେ ସଂସ୍ଥାର ଉଲ୍ଲେଖନୀୟ ଯାତ୍ରାରେ ଅବଦାନ ରଖିଥିବା ସମସ୍ତ ଗୁରୁ, କଳାକାର, ଗବେଷକ, ଛାତ୍ରଛାତ୍ରୀ, ପୃଷ୍ଠପୋଷକ ଏବଂ ଦର୍ଶକମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସେମାନେ ଭବିଷ୍ୟତ ପିଢ଼ିର କଳାକାରମାନଙ୍କୁ ଗଢ଼ି ତୋଳିବା ସହିତ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତର ସମୃଦ୍ଧ ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ।

# କଂଗ୍ରେସ ସେବାଦଳ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୨୮।୬ (ମହାଭାରତ): ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବୁଧବାର କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସେବାଦଳ ଅଧକ୍ଷ ଶୁଭେନ୍ଦୁ ମହାନ୍ତି ଅଧକ୍ଷତା କରି କହିଲେ ଯେ ସେବାଦଳ କଂଗ୍ରେସ ଦଳର ଏକ ଆଗୁଆ ବାହିନୀ। ଦଳୀୟ ସଂଗଠନର ପ୍ରତ୍ୟେକ କାର୍ଯ୍ୟକ୍ରମରେ ସେବାଦଳ ଅଂଶଗ୍ରହଣ କରି ତାର ପରାକାଷ୍ଠା ଦେଖାଇଛି। ଆଗାମୀ ଦିନରେ ସେବାଦଳକୁ କିଭଳି ଆହୁରି ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ସେ ଉପସ୍ଥିତ ପଦାଧିକାରୀଙ୍କ ମତାମତ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିଜର ମତ ରଖି ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ ଓ ସୁରେଶ କୁମାର ରାଉତରାୟ ଏବଂ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା କହିଲେ ଯେ ସ୍ୱାଧୀନତା ପୂର୍ବରୁ କଂଗ୍ରେସ ଦଳର ଏକ ଅଙ୍ଗ ଭାବରେ ସେବାଦଳ କାର୍ଯ୍ୟକରି



ଆସୁଛି। ବର୍ତମାନ ପ୍ରତ୍ୟେକ ପଂଚାୟତ ଓ ଗ୍ରାମରେ ସେବାଦଳର କର୍ମୀମାନେ ସକ୍ରୀୟ ଭାବରେ କାର୍ଯ୍ୟକରୁଛନ୍ତି। ଏହାକୁ ଅଧିକ ସଂଗଠିତ କରିବାକୁ ନୂତନ କର୍ମୀମାନଙ୍କୁ ଚୟନ କରି ପ୍ରଶିକ୍ଷଣ ଶିବିର ଆୟୋଜନ ହେବା ନିହାତି ଦରକାର। ସେବାଦଳ ଦୃଢ଼ିଭୁତ ହୋଇପାରିଲେ କଂଗ୍ରେସ ସୁଦୃଢ଼ ହେବବୋଲି ମତ ଦେଇଥିଲେ। ସେବାଦଳ ପ୍ରଭାରୀ ଶ୍ରୀ ନରେନ୍ଦ୍ର ଭଟ୍ଟ କହିଲେ ଯେ ଅତିତରେ ସେବାଦଳ ଅନେକ ପରାକାଷ୍ଠା ଦେଖାଇଛି। ବର୍ତମାନ ନୂତନ ଯୁବକ ଯୁବତୀମାନଙ୍କୁ ପ୍ରଶିକ୍ଷିତ କରାଯାଇ ସେମାନଙ୍କୁ ସେବାଦଳର ନୀତି, ନିୟମ ଓ ଶୃଙ୍ଖଳା ସମ୍ପର୍କରେ ଅବଗତ କରାଯିବା ଦରକାର। ସେଥିପାଇଁ ପ୍ରଥମେ ରାଜ୍ୟସ୍ତରରେ ପ୍ରତ୍ୟେକ ଜିଲ୍ଲାରୁ ୧୦ ରୁ ୧୫ ଜଣ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯିବ ଓ ପରେ ପ୍ରତ୍ୟେକ ଜିଲ୍ଲାୱାରି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବାପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଂଗ୍ରେସ ଭବନ ପରିସରରେ ଦଳୀୟ ପତାକା ଉତୋଳନ କରାଯାଇଥିଲା।

ମହାଭାରତ
ସାରାଂଶ
ଚଳନ୍ତି ସମୟର ଅବଶିଷ୍ଟାଂଶ



# ମହିଳା ସଂରକ୍ଷଣ

କେନ୍ଦ୍ର ସରକାର ମହିଳା ବିଲ ସହିତ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ବିଲ ଗୃହୀତ କରାଇବାକୁ ଚାହୁଁଛନ୍ତି । ଗତ ବଜେଟ ଅଧିବେଶନ କାଳରେ ଲୋକସଭାରେ ଏହି ବିଲ କାଟ ଖାଇଥିଲା । କାରଣ ଲୋକସଭାରେ ଶାସକ ଏନଡିଏର ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ନାହିଁ । ଏବେ ଦଳବଦଳ ମାଧ୍ୟମରେ ଏନଡିଏ ଏହାକୁ ହାସଲ କରିବାକୁ ଚାହୁଁଛି । ଏଥିରେ ବିଜେପିକୁ ଅନେକାଂଶରେ ସଫଳତା ମିଳିସାରିଲାଣି । ଅନେକ ବିରୋଧୀ ଦଳରେ ଫାଟ ସୃଷ୍ଟି ହୋଇଛି ଏବଂ ପ୍ରାୟ ୪୦ଜଣ ବିରୋଧୀ ସାଂସଦ ଏନଡିଏରେ ସାମିଲ ହେବାକୁ ବାହାରିଛନ୍ତି । ଏହା ଦ୍ୱାରା ମହିଳା ସଂରକ୍ଷଣ ଏବଂ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ବିଲ ସଂସଦରେ ଗୃହୀତ ହେବାର ସମ୍ଭାବନା ଉଜ୍ଜଳ ହୋଇଛି । ଏହି ବିଲ ଗୃହୀତ ହେଲେ ଲୋକସଭାର ସଦସ୍ୟ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି ପାଇବ ଏବଂ ଏଥିରୁ ୨୭୭ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ । ମହିଳା ସଂରକ୍ଷଣ ଅଭିଯାନର ସମୟକୁ ନେଇ କଂଗେସ ପ୍ରଶ୍ନ ଉଠାଇଛି । ୨୦୨୯ ନିର୍ବାଚନ ଆହୁରି ଅନେକ ଦିନ ରହିଛି । ଅସଲ କଥା ହେଲା ମହିଳା ସଂରକ୍ଷଣ ଅଭିଯାନ ପଛରେ ରାଜେନୈତିକ ଉଦ୍ଦେଶ୍ୟ ରହିଛି । ଅତୀତରେ ଅନେକ ଥର ଏଥିପାଇଁ ଆଇନ ପ୍ରଣୟନ କରିବାକୁ ଉଦ୍ୟମ ହୋଇଛି । କିନ୍ତୁ ତାହା ବିଫଳ ହୋଇଛି । ମୁଲାୟମ ସିଂହ ଯାଦବ ଏହାକୁ ତୀବ୍ର ବିରୋଧ କରୁଥିଲେ । ତାଙ୍କ ବିରୋଧ ଯୋଗୁ କଂଗ୍ରେସ ବା ୟୁପିଏ ଶାସନ କାଳରେ ଏହି ଆଇନ ପ୍ରଣୀତ ହୋଇପାରିନଥିଲା । ମୁଲାୟମ ଓ ଲାଲୁ ପ୍ରସାଦ ଯାଦବ ଯାହା କହୁଥିଲେ ତାହା ସମ୍ପୂର୍ଣ୍ଣ ଯଥାର୍ଥ । ସେମାନେ କହୁଥିଲେ ଯେ, ଲୋକସଭା ଏବଂ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷିତ ରଖିବା ଅପେକ୍ଷା ସବୁ ରାଜନୈତିକ ଦଳର ପ୍ରାର୍ଥୀ ତାଲିକାର ୩୩% ମହିଳାଙ୍କ ପାଇଁ ସଂରକ୍ଷିତ ରହିବା ଉଚିତ । ଅର୍ଥତ କୌଣସି ନିର୍ଦ୍ଦିଷ୍ଟ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରଖିବା ଅପେକ୍ଷା ଅଧିକ ସଂଖ୍ୟାରେ ମହିଳା ପ୍ରାର୍ଥୀ ମୁକାବିଲା କରିବା ଉଚିତ ହେବ । ଗୋଟିଏ ଦଳ ଯଦି ଲୋକସଭା ନିର୍ବାଚନ ପାଇଁ ୩୦୦ ପ୍ରାର୍ଥୀ ଦେଲା, ତେବେ ସେହି ଦଳର ୩୦୦ ପ୍ରାର୍ଥୀଙ୍କ ମଧ୍ୟରୁ ଅତି କମରେ ୧୦୦ ଜଣ ମହିଳା ରହିବା ଉଚିତ । ଏହା ଦ୍ୱାରା ସଂସଦ ଓ ବିଧାନସଭାରେ ମହିଳାଙ୍କ ଉପସ୍ଥିତି ବଢ଼ିବ । ଏବେ ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥା ଏବଂ ପଞ୍ଚାୟତ ସ୍ତରରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷିତ ହୋଇ ରହିଛି । ବହୁ ସଂଖ୍ୟାରେ ମହିଳା ନିର୍ବାଚିଦତ ଜନ ପ୍ରତିନିଧି ହେଉଛନ୍ତି । କିନ୍ତୁ ଏହାର ଅସଲ ଉଦ୍ଦେଶ୍ୟ ସଫଳ ହୋଇପାରିନାହିଁ । ଏବେ ବି ଏସବୁ ସଂସ୍ଥା ପୁରୁଷଙ୍କ ଦ୍ୱାରା ନିୟନ୍ତ୍ରିତ । ପରଦା ପଛରେ ରହି ପୁରୁଷମାନେ ହିଁ ସବୁ କିଛି ନିୟନ୍ତ୍ରଣ କରୁଛନ୍ତି । ମହିଳାଙ୍କୁ କ୍ଷମତାର ଅଂଶୀଦାର ଲକ୍ଷ୍ୟ ବିଫଳ ହୋଇଛି । ଅସଲ କଥା ହେଲା ସଂରକ୍ଷଣ ଦ୍ୱାରା କାହାକୁ ସଶକ୍ତ କରାଯାଇପାରିବ ନାହିଁ କିମ୍ବା ସମାଜରେ ସୁଧାର ଆସିପାରିବ ନାହିଁ । ସଂରକ୍ଷଣ ଅର୍ଥ ହେଲା ଦୁର୍ବଳ ଏବଂ ଅଯୋଗ୍ୟଙ୍କୁ ଯୋରଜବରଦସ୍ତ ଆଗକୁ ଠେଲିବା । ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ଚେୟାରରୁ ଉଠାଇ ଜଣେ ଅଯୋଗ୍ୟଙ୍କୁ ସେହି ଆସନରେ ବସାଇବା ଯାହା ସଂରକ୍ଷଣ ବ୍ୟବସ୍ଥା ହେଲା ତାହା । ଜାତି ଭିତ୍ତିକ ବା ଲିଙ୍ଗ ଆଧାରିତ ସଂରକ୍ଷଣ ସବୁ ସମାନ । ଏହା ତ୍ରୁଟିପୂର୍ଣ୍ଣ ଏବଂ ଗ୍ରହଣଯୋଗ୍ୟ ନୁହେଁ । ମହିଳା ସଶକ୍ତିକରଣର ଅର୍ଥ ସଂରକ୍ଷଣ ଦ୍ୱାରା ସେମାନଙ୍କୁ ଆଗକୁ ଠେଲିବା । ଏଥିପାଇଁ ଶିକ୍ଷା ଏବଂ ସଂସ୍କାରର ଆବଶ୍ୟକତା ରହିଛି । ସଂରକ୍ଷଣ ଅନେକ ସମୟରେ ନାଗରିକର ମୌଳିକ ଅଧିକାର କ୍ଷୁର୍ଣ୍ଣ କରିଥାଏ ।

# ସ୍ୱରୂପ ହରାଉଛି ଶିଷ୍ଟାଚାର

**॥ ନିରୁପମା ଭୂୟାଁ ॥**

*;କ'ଣ ହୋଇପାରେ କାରଣ : ଦିନ ଥିଲା ଯେତେବେଳେ ଗୁରୁଜନଟିଏ ବସିବାର ଦେଖିଲେ ବୟସରେ ସାନ ଲୋକଟିଏ ବାଟ ଭାଙ୍ଗି ଚାଲି ଯାଉଥିଲା । କିନ୍ତୁ ଏବେ ଏହି ଦୃଶ୍ୟର ଘୋର ଅଭାବ । ସେହିଭଳି ଗୁରୁଜନମାନେ ମଧ ଲଘୁଜନଙ୍କ ପ୍ରତି ଥିବା ସେମାନଙ୍କର କର୍ତ୍ତବ୍ୟର ପ୍ରତିପାଳନ କରୁନାହାନ୍ତି । ଯାହାଦ୍ୱାରା ଏକ ମହାନ ପରମ୍ପରାର ବିଲୋପ ଘଟୁଛି । କ'ଣ ହୋଇପାରେ ଏହାର କାରଣ ? ଉତ୍ତର ଅତି ସହଜ ।*

ମଣିଷ ହେଉଛି ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ । ଏହା ନିକଟରେ ଈଶ୍ୱର ଦୟା, କ୍ଷମା, ମାନ, ସମ୍ମାନ, ମର୍ଯ୍ୟାଦା ଭଳି ଅନେକ ଦିବ୍ୟଗୁଣ ଭରି ଦେଇଛନ୍ତି । ଫଳରେ ଏହାକୁ ଅନ୍ୟକୁ ଏକ ନୂତନ ଦିଗଦର୍ଶନ ଦେଇପାରିବା ସହିତ ସମାଜକୁ ସୁସ୍ଥ ରଖିବାରେ ଶତ ପ୍ରତିଶତ ସକ୍ଷମ ହୋଇପାରିଛି । ମଣିଷକୁ ସମାଜର ଏକ ମୁଖ୍ୟ ଅବଦାନ ହେଉଛି ସମ୍ପର୍କ ତଥା ପରିବାର । ସମ୍ପର୍କ ଏମିତି ଏକ ମାଧ୍ୟମ ଯାହା ଦ୍ୱାରା ଅନେକ ବାଟ ଯାଏ ଯାଇପାରେ ମଣିଷ । କିନ୍ତୁ ସମ୍ପର୍କ ଅନେକ କିଛି ଆଶା କରେ । ପରିବାର ବା ସମାଜ ଭିତରେ ବୟସ ନିର୍ବିଶେଷରେ ଅନେକ ମଣିଷ ବାସ କରନ୍ତି । ପରସ୍ପର ପ୍ରତି ସ୍ନେହ ସମ୍ଭାଷଣ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା । ଛୋଟ ପିଲାମାନେ ବଡ଼ମାନଙ୍କୁ ପ୍ରଣାମ କରନ୍ତି । ବଡ଼ମାନେ ସେମାନଙ୍କୁ ଆଶୀର୍ବାଦ କରି ଦୀର୍ଘ ନିରାମୟ ତଥା ଉଜ୍ଜ୍ୱଳ ଭବିଷ୍ୟତ କାମନା କରନ୍ତି । ଏମିତି ହେବା ଦ୍ୱାରା ଗୋଟିଏ କଥା ସିଦ୍ଧ ହୋଇଯାଏ ଯେ ସାମାଜିକ ସ୍ରୋତ ଏକ ସନ୍ତୁଳିତ ମାର୍ଗ ଦେଇ ଗତି କରୁଥାଏ । ଶୃଙ୍ଖଳାର ଶୃଙ୍ଖଳ ଦିନକୁ ଦିନ ଦୃଢ଼ରୁ ଦୃଢ଼ତର ହେଉଥାଏ ।

ଦେବ ପରମ୍ପରା ପ୍ରତୀକ : ମହାଭାରତୀୟ ପରମ୍ପରା ଥିଲା ସବୁଠୁ ନିଆରା । ଏହା କେବଳ ଭାରତୀୟ ଉପମହାଦେଶରେ ସୀମିତ ରହି ନଥିଲା, ଅଧିକନ୍ତୁ ସାରା ବିଶ୍ୱକୁ ଆଲୋକ ପ୍ରଦାନ କରିବାରେ ଥିଲା ଅଗ୍ରଦୂତ । ଭାରତରେ ଥିଲା ଏକ ଦେବ ପରମ୍ପରା, ଯାହାର ପ୍ରତୀକ ଥିଲା ସାମାଜିକ ଶୃଙ୍ଖଳା, ପାରିବାରିକ ଦାୟିତ୍ୱବୋଧ ଆଉ ସବୁଠୁ ଉର୍ଦ୍ଧ୍ୱରେ ଥିଲା ସମ୍ମାନ ତଥା ଶିଷ୍ଟାଚାର । ଭାରତର ପରମ୍ପରାକୁ ରୁଦ୍ଧିମନ୍ତ କରିଥିଲେ ମୁନି, ଋଷି, ଯୋଗସିଦ୍ଧ ତପସ୍ୱୀଙ୍କ ଭଳି ଯୋଗଜନ୍ମାମାନେ । ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ହିଁ ମହାଭାରତୀୟ ସଂସ୍କୃତିକୁ କରିଥିଲା ମହାନ୍ । ଗୁରୁକୁଳ ଆଶ୍ରମରେ ରହି ସେତେବେଳର ଶିଶୁମାନେ ସାମାଜିକ ଜ୍ଞାନ ଆହରଣ କରୁଥିଲେ । ବ୍ୟକ୍ତିତ୍ୱକୁ ବିକାଶ କରିବାର କଳା ହାସଲ କରୁଥିଲେ । ଫଳରେ ଗୋଟିଏ ଲମ୍ବା ଜୀବନ ଅତିବାହିତ କରିବା ସେମାନଙ୍କ ପାଇଁ ଆଦୌ କଠିନ ବ୍ୟାପାର ହେଉନଥିଲା ।

ମାତ୍ର ବର୍ତ୍ତମାନ ଦେଖିବାକୁ ମିଳୁଛି ଯେ, ସାମାଜିକ ଶୃଙ୍ଖଳ ଦିନକୁ ଦିନ ତା'ର ଦୃଢ଼ତା ହରାଉଛି । ଅନେକ ଅନୁଶୀଳନ ପରେ ଏହାର କାରଣ ଅବଶ୍ୟ ଉଦ୍ଭାବନ କରାଯାଇଛି । କାରଣଟି ଯେତିକି ବିଷମ ସେତିକି ପରିତାପକର । ସାମାଜିକ ଶୃଙ୍ଖଳ ଶିଥିଳ ହେବାର ମୁଖ୍ୟ କାରଣ ହେଉଛି ଶିଷ୍ଟାଚାର ଅଭାବ । ଏହା କେବଳ ସାମାଜିକ ଶୃଙ୍ଖଳ ବା ବନ୍ଧନକୁ ଶିଥିଳ କରିନାହିଁ, ଅଧିକନ୍ତୁ ସାମାଜିକ ଶୃଙ୍ଖଳାକୁ ଭାଙ୍ଗିରୁଜି ଛାରଖାର କରିଦେଇଛି । କାହାରି ପ୍ରତି କାହା ଭିତରେ ମମତା ନାହିଁ, ସ୍ନେହ ନାହିଁ କି ଶ୍ରଦ୍ଧା, ଭକ୍ତି, ସମ୍ମାନ ନାହିଁ । ଯିଏ ଯାହା ଇଛାରେ ଜୀବନ ବଞ୍ଚିବାର ମାର୍ଗ ଖୋଜି ନେଉଛନ୍ତି । ଫଳ ଏଇଆ ହେଉଛି ଯେ, ଅଧାବାଟରେ ଅଣନିଃଶ୍ୱାସୀ ହୋଇ ଟିକିଏ ସୁସ୍ଥ ପବନ ଖୋଜିବା ବେଳକୁ ସେଇତକ ବି ମିଳୁନାହିଁ ।

କ'ଣ ହୋଇପାରେ କାରଣ : ଦିନ ଥିଲା ଯେତେବେଳେ ଗୁରୁଜନଟିଏ ବସିବାର ଦେଖିଲେ ବୟସରେ ସାନ ଲୋକଟିଏ ବାଟ ଭାଙ୍ଗି ଚାଲି ଯାଉଥିଲା । କିନ୍ତୁ ଏବେ ଏହି ଦୃଶ୍ୟର ଘୋର ଅଭାବ । ସେହିଭଳି ଗୁରୁଜନମାନେ ମଧ ଲଘୁଜନଙ୍କ ପ୍ରତି ଥିବା ସେମାନଙ୍କର କର୍ତ୍ତବ୍ୟର ପ୍ରତିପାଳନ କରୁନାହାନ୍ତି । ଯାହାଦ୍ୱାରା ଏକ ମହାନ ପରମ୍ପରାର ବିଲୋପ ଘଟୁଛି । କ'ଣ ହୋଇପାରେ ଏହାର କାରଣ ? ଉତ୍ତର ଅତି ସହଜ । ଆମେ ପାଶ୍ଚାତ୍ୟ ପରମ୍ପରାର ଏଭଳି ଅନୁଗାମୀ ହୋଇ ଉଠିଛେ ଯେ, ଆମକୁ ଆମ ପରମ୍ପରା ଅତି ଅର୍ବଚୀନ ତଥା ଅସଂଗତ ମନେ ହେଉଛି । ଆଜିକାର ପିଲାମାନେ ଗୁରୁଜନ କହିଲେ ଖୁବ୍ କମ୍ ବୁଝନ୍ତି । କାରଣ ସେମାନେ ରହୁଥିବା ପରିବେଶରେ ଏଭଳି ଦୃଶ୍ୟ ସେମାନେ ଦେଖିବାକୁ ପାଉନାହାନ୍ତି । ପାଶ୍ଚାତ୍ୟ ପରମ୍ପରାରେ ଅନ୍ୟକୁ ସମ୍ମାନ ଜଣାଇବାକୁ ଯାଇ ହାତ ମିଳାଇବା, ହେଲୋ ହାଏ କହିବା ନ ହେଲେ ଆଲିଙ୍ଗନ କରି ଚୁମ୍ବନ ଦେବାକୁ ପଡ଼ିଥାଏ । ଅନ୍ୟପକ୍ଷରେ ଆମ ପରମ୍ପରାରେ ସେସବୁ କେବଳ ନିଷିଦ୍ଧ ନୁହେଁ, ଅସାମାଜିକ ମଧ । କିନ୍ତୁ ଆମେ ତାହା ହିଁ କରୁଛେ ।

ପ୍ରଣାମର ପ୍ରାଣହାନି : ଆମ ପରମ୍ପରାରେ ଶିଷ୍ଟାଚାରର ଏକ ଉପାଦାନ ଥିଲା ପ୍ରଣାମ । ସେଥିପାଇଁ ଆମର ଦିବ୍ୟଦ୍ରଷ୍ଟାମାନେ ଷାଷ୍ଟାଙ୍ଗ, ଅଷ୍ଟାଙ୍ଗ ପ୍ରଣାମ ବା ପ୍ରଣିପାତର ତରିକା ନିର୍ଦ୍ଧାରଣ କରି ଯାଇଛନ୍ତି । ବାପା, ମା', ଗୁରୁ, ଗୁରୁମା, ଭାଇ, ଭାଉଜ, କକେଇ ଆଦି ଗୁରୁ ସ୍ଥାନୀୟ ଲୋକଙ୍କୁ ଦେଖିବା ମାତ୍ରେ ପ୍ରଣିପାତ କରିବାର ବିଧି ରହିଥିଲା । ଏହା କେବଳ ଶିଷ୍ଟାଚାର ନଥିଲା, ଏଥିରେ ଯୋଗାଭ୍ୟାସର ପ୍ରଛନ୍ନ ବିଧି ମଧ ଥିଲା । ଷାଷ୍ଟାଙ୍ଗ ବା ଅଷ୍ଟାଙ୍ଗ ପ୍ରଣିପାତ କରିବା ଶରୀରର ସବୁ ଅଙ୍ଗ କାର୍ଯ୍ୟରେ ଲାଗୁଥିଲା । ଫଳରେ ରକ୍ତସଞ୍ଚାଳନ ପ୍ରକ୍ରିୟାର ଉନ୍ନତି ଘଟୁଥିଲା ଏବଂ ମଣିଷ ଦୀର୍ଘାୟୁ ହେଉଥିଲା । କିନ୍ତୁ ଏବେ ସାମାନ୍ୟ ନମସ୍କାରରେ ହିଁ କାମ ଚଳିଯାଉଛି । ଏମିତିକି ନମସ୍କାର କରିବା ପାଇଁ ଅନେକଙ୍କ ନିକଟରେ ବେଳ ନାହିଁ । ଅନେକେ ଏହାକୁ ଅସଙ୍ଗତ ବୋଲି ମଧ ମନେ କରୁଛନ୍ତି । ପୁଅ ବାପା ମା'ଙ୍କୁ ପ୍ରଣାମ କରୁନି କି ନୂଆବୋହୂଟିଏ ତାର କର୍ତ୍ତବ୍ୟ ପାଳନକୁ ବ୍ରତ ଭାବେ ଗ୍ରହଣ କରୁନି । ଦିନକୁ ଦିନ ସୃଷ୍ଟି ହେଉଛି ବିଶୃଙ୍ଖଳିତ ପରିସ୍ଥିତି । ତେବେ ଏକଥା ଭୁଲିଯିବା ଉଚିତ ନୁହେଁ ଯେ, ଆମ ପରମ୍ପରାରେ ନିର୍ଦ୍ଧାରିତ ହୋଇଥିବା ପ୍ରକ୍ରିୟାଗୁଡ଼ିକ କେବଳ ଗତାନୁଗତିକ ନଥିଲା ବରଂ କାର୍ଯ୍ୟଟି ତମାମ୍ ଜୀବନକୁ କିଭଳି ପ୍ରତିନିଧିତ୍ୱ କରି ପାରିବ ତାହାର ତରିକା ନିର୍ଦ୍ଧାରଣ କରାଯାଇଥିଲା । ଏବର ମଣିଷ ଜୀବନ ଏକ ମସ୍ତବଡ଼ ବିଷମ ପରିସ୍ଥିତି ମଧ ଦେଇ ଗତି କରୁଛି । ସାମାଜିକ ଜୀବନ ଶତପ୍ରତିଶତ ଭୂଲୁଣ୍ଠିତ । କେହି କାହା ପ୍ରତି ଦାୟ-ବୋଧ-ସମ୍ପନ୍ନ ନୁହନ୍ତି । କିନ୍ତୁ କେତେଦିନ ଏମିତି ନିଜ ଇଛାରେ ଚାଲୁଥିବ ମଣିଷ । ପ୍ରକୃତିର ନିୟମକୁ କରୁଥିବ ଉଲ୍ଲଂଘନ । ଏବେ ବି ବେଳ ଅଛି ମଣିଷ ସୁଧୁରି ଯାଇପାରେ । ଗୁରୁ ଗୁରୁଜନଙ୍କୁ ଭକ୍ତି, ପ୍ରକୃତିକୁ ସମ୍ମାନ ଆଦି ଦିବ୍ୟଗୁଣକୁ ଉଜ୍ଜୀବିତ କରି ପାରିଲେ ପୁଣିଥରେ ଦିବ୍ୟ ପରିବେଶ ସୃଷ୍ଟି ହେବ ଏ ପୃଥିବୀରେ - ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭୦୯୮୦

# ନାରୀର ସମ୍ମାନ ଓ ସୁରକ୍ଷା ଆମର ମୌଳିକ କର୍ତବ୍ୟ

**॥ ମୌଲାନା ଫଜଲ ହକ ଖାନ ॥**

ବର୍ତମାନ ଆମ ପ୍ରଗତିଶୀଳ ସମାଜରେ ନାରୀର ଅବସ୍ଥା କାହା ପାଖେ ଲୁଚି ରହି ନାହିଁ । ଦୁଃଖର କଥା ଯେ ପାଶ୍ଚାତ୍ୟ ଜଗତର ଶିକ୍ଷା ଓ ସଂସ୍କୃତିକୁ ବୁଝିବାକୁ ଯାଇ,ଏବେ ଆମେ ସେହି ଜଗତର ମର୍ଯ୍ୟାଦାହୀନ ଓ ଅପମାନଜନକ ସଂସ୍କୃତିର ବଶବର୍ତୀ ହୋଇ ଯାଇଛେ । ଯେଉଁଠି ନାରୀକୁ କମ ବସ୍ତ୍ରରେ ଦେଖିବା ଓ ଦେଖାଇବା ବେଶ ସମ୍ମାନଜନକ ମନେ କରାଯାଉଛି ।

ସେହି ବିକୃତ ସଂସ୍କାରକୁ ଆଜି ଆମେ ଆପେଣାଇ ନେଇଛେ । ଫଳ ସ୍ୱରୂପ ଆମେ ଦୈନ୍ୟଦିନ ଖବର କାଗଜ ଓ ନ୍ୟୁଜ ଚାନେଲମାନଙ୍କରେ ନାରୀ ଧର୍ଷଣ,ବଳତ୍କାର,ଅସଦ୍ଆଚରଣ,ନିର୍ଜାତନା ଓ ବଧୁ ହତ୍ୟାର ଦୁଃଖଦ ଓ ମର୍ମାହତର ବାସ୍ତବିକତା ଦେଖିପାରୁଛେ । ଏଥି ପାଇଁ ସରକାର ଓ ନ୍ୟାୟାଧିଶ କଡାକଡି ଭାବେ ନିୟମ କାନୁନ ଲାଗୁ କରିଛନ୍ତି । କିନ୍ତୁ ନାରୀର ଅବସ୍ଥାରେ କୌଣସି ସୁଧାର ନାହିଁ । ସୁଧାର ଆସିବ କିପରି ?

ନିଶ୍ଚିତରେ ଆଜି ଆମେ ସତ୍ମାର୍ଗକୁ ଭୁଲି ଯାଇ, ସଟକଟ ମାର୍ଗକୁ ଆପଣାଇ ନେଇଛେ । ଭଲ ଜିନିଷ ଛାଡି ଭୁଲ ଜିନିଷକୁ ପସନ୍ଦ କରିନେଇଛେ । ଦୈନ୍ୟଦିନରେ ଆମେ ଜାଣିଛେ,କୌଣସି ଉତମ ଓ ମୂଲ୍ୟବାନ ବସ୍ତୁକୁ ସର୍ବଦା ଲୁଚାଇ ରଖା ଯାଇଥାଏ । ଏଥିରେ ତାର ସମ୍ମାନ ଓ ସୁରକ୍ଷା ରହିଥାଏ । କେହି ତାକୁ ଚୋରି ମଧ କରି ପାରିନଥାନ୍ତି । ନଚେତ୍ ତାର ଚୋରି ହେବାର ଅଧିକ ଆଶଂକା ରହିଥାଏ । ଠିକ ସେହିପରି ଯଦି ଆମେ ନାରୀର ମହାନତଦା, ଉତମତା ଓ ଅମୂଲ୍ୟତାକୁ ବୁଝିପାରନ୍ତେ ତା'ହେଲେ ନାରୀ ଜାତିର ବେଶ ସୁରକ୍ଷା ହୋଇପାରନ୍ତା । ଯେପରି ପବିତ୍ର କୁରଆନ ନାରୀର ସମ୍ମାନ ଓ ମହାନତା ବିଷୟରେ ଏ ଉତମବାଣୀ ଦେଇ କହିଥାଏ ଯେ, ଆମେ ତୁମକୁ ପୁରୁଷ ଓ ସ୍ତ୍ରୀ ଦୁଇଗୋଟି ଜାତି ରୂପେ ସୃଷ୍ଟି କରିଅଛୁ । ବାସ୍ତବରେ ପ୍ରକୃତ ମୁସଲମାନ ଏବଂ ବିଶ୍ୱାସକାରିଣୀ, ଆଜ୍ଞାପାଳନକାରିଣୀ, ସତ୍ୟବାଦିନୀ, ଧୈର୍ଯ୍ୟଶୀଳା, ବିନୟ ପ୍ରଦର୍ଶନକାରିଣୀ, ଦାନ କରୁଥିବା ନାରୀ, ରୋଜା ରଖୁଥିବା ନାରୀ, ନିଜ ଗୁପ୍ତାଙ୍ଗର ସଂପୂର୍ଣ୍ଣ ସୁରକ୍ଷା କରୁଥିବା ନାରୀ ଏବଂ ଅଲ୍ଲାଃଙ୍କୁ ଅଧିକ ସ୍ମରଣ କରୁଥିବା ନାରୀଙ୍କ ସକାଶେ ଅଲ୍ଲାଃଙ୍କର କ୍ଷମା ଓ ବୈକୁଣ୍ଠର ମହାନ ପୁରସ୍କାର ରଖାଯାଇଅଛି । ପୁଣି କୁହାଯାଇଛି, ହେ ବିଶ୍ୱାସକାରୀମାନେ ତୁମେ ନିଜ ପତ୍ନୀ ଓ କନ୍ୟାମାନଙ୍କୁ କହିଦିଅ; ଯେ ସେମାନେ ନିଜର ବଡ ଚାଦର(ଓଢଣୀ)କୁ ମୁଣ୍ଡ ଉପର ଦେଇ ବକ୍ଷସ୍ଥଳ ପର୍ଯ୍ୟନ୍ତ ଘୋଡାଇ ରଖିବେ; ଏପରି କରିବା ଫଳରେ ସେମାନଙ୍କୁ ଚିହ୍ନି ହେବ ଓ ସେମାନଙ୍କୁ କେହି ଇଙ୍ଗିତ କରିପାରିବେ ନାହିଁ । ଏତଦ୍ ଦ୍ୱାରା ନାରୀର ସମ୍ମାନ ବଜାୟ ରହିବା ସହ ତାର ସୁରକ୍ଷା ମଧ ହୋଇଥାଏ ।

ଆମକୁ ଜାଣିବାକୁ ହେବ ଯେ ନାରୀ ସମାଜରେ ଜଣେ ମାଁ ହୋଇଥାଏ । ପବିତ୍ର କୁରଆନ କହିଥାଏ; ମାଁର ସମ୍ମାନ ଓ ସେବା କରିବା ଦ୍ୱାରା ସ୍ୱର୍ଗପ୍ରାପ୍ତି ହୋଇଥାଏ । ନାରୀ ଜଣେ ସହଧର୍ମିଣୀ ହୋଇଥାଏ, ଯାହାର ଉଚିତ୍ ସମ୍ମାନ ଓ ସଦବ୍ୟବହାର କରିବା ଦ୍ୱାରା ସେ ଘରକୁ ଏକ ସ୍ୱର୍ଗ ପରି ଗଢିତୋଳିଥାଏ ଏବଂ ସନ୍ତାନର ଉତମ ମାଁଟିଏ ବି ବନିପାରିଥାଏ । ସେ ପାଳନକର୍ତାଙ୍କ ଭଳି ଆମ ପରିବାରକୁ ଏକ ସୂତରେ ବାନ୍ଧି ଏକତାବଦ୍ଧ କରିପାରିଥାଏ । ନାରୀ ଜଣେ ଭଗ୍ନି ହୋଇଥାଏ, ଯାହା ଏକ ଭାଇ ପାଇଁ ଗୌରବ ହୋଇଥାଏ । ଭାଇ ତାର ସୁରକ୍ଷା ପାଇଁ ସଦାସର୍ବଦା ବାପ ପରି ତାର କର୍ତବ୍ୟରେ ସଂକଳ୍ପବଦ୍ଧ ହୋଇଥାଏ । ନାରୀ ଜଣେ କନ୍ୟା ସନ୍ତାନ ହୋଇଥାଏ । ଯାହାର ଲାଳନ ପାଳନ, ସୁଶିକ୍ଷା ଓ ଆଦର୍ଶବାନ ଗଢିବା ଦ୍ୱାରା ବାପ ମାଁଙ୍କୁ ସ୍ୱର୍ଗ ପାପ୍ତି ହୋଇଥାଏ । ମହାମାନ୍ୟ ମୁହମ୍ମଦ କହିଛନ୍ତି ପ୍ରତ୍ୟେକ ବାଳକ ଓ ବାଳିକା ପାଇଁ ଶିକ୍ଷା ହାସଲ କରିବା ନିହାତି ଆବଶ୍ୟକ । ସ୍ତ୍ରୀର ମୁହଁରେ ମୁଠାଏ ଖାଦ୍ୟ ଖୁଆଇ ଦେବା ବି ଏକ ପୁଣ୍ୟ କର୍ମ ।

ଆଜିର ଦିନରେ ନାରୀ ଜଣେ ମାହମହିମ ରାଷ୍ଟ୍ରପତି ହୋଇପାରୁଛି । ଜଣେ ପ୍ରଧାନ ମନ୍ତ୍ରୀ ହୋଇ ପାରୁଛି । ଜଣେ ମୁଖ୍ୟ ମନ୍ତ୍ରୀ ଆସନରେ ବସିପାରୁଛି । ତଥା ଏମ.ପି, ଏମ.ଏଲ.ଏ, ମେୟର, କର୍ପୋରେଟର ଓ ସରପଂଚ ବି ହୋଇପାରୁଛି । ଦେଶ ମାତୃକାର ସେବାରେ ପୁରୁଷ ଭଳି ବଳିଷ୍ଠ ସେନାବାହିନୀରେ ସାମିଲ ହୋଇ କର୍ତବ୍ୟ ପରାୟଣାର ପ୍ରମାଣ ଦେଇପାରୁଛି । ନାରୀ ଆଜି ସ୍ୱାସ୍ଥ୍ୟ କ୍ଷେତ୍ରରେ ଡ଼ାକ୍ତରଆଣୀ, ଶିକ୍ଷା କ୍ଷେତ୍ରରେ ଶିକ୍ଷୟତ୍ରୀ, ଉଦ୍ୟୋଗ କ୍ଷେତ୍ରରେ ଉଦ୍ୟୋଗପତି, ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକ, ଧର୍ମ ଓ ବିଶ୍ୱାସ କ୍ଷେତ୍ରରେ ସେ ମା-ମାତା ଏବଂ ଦେବିମାତା ଭାବେ ସମାଜରେ ନିଜର ଭଲ ଚିତ୍ର ଓ ଚରିତ୍ର ଗଢିବାରେ ପ୍ରୟାସ କରି ଆସୁଛି । ଏପରି କି ଶିରିନ ଇବାଦୀ (୨୦୦୩), ମଲାଲା ୟୁସୁଫଜାଇ (୨୦୧୪), ନାଦିଆ ମୁରାଦ(୨୦୧୮) ଏବଂ ମାରିଆ ରେସା (୨୦୨୧) ଭଳି ନାରୀ ବିଶ୍ୱର ସର୍ବଶ୍ରେଷ୍ଠ ନୋବେଲ ପୁରସ୍କାର ପାଇବାରେ ପଛ ଘୁଂଚା ଦେଇନାହିଁ । କିନ୍ତୁ ଆମେ ନାରୀ ସମ୍ମାନ ଓ ସୁରକ୍ଷା କ୍ଷେତ୍ରରେ ଏବେ ବି ଏତେ ଅବହେଳା କାହିଁକି ? ତାଙ୍କ ପ୍ରତି ଏପରି ଅନ୍ୟାୟ ଓ ଅନାଦର ମନଭାବ କାହିଁକି ? କାରଣ ଆଜି ଆମେ ଧର୍ମକୁ ଛାଡି ଅଧର୍ମେ ଗତି କରୁଛେ । 'ଧର୍ମ ଏକା ସିନା ମହତ ପଣିଆ - ଆଉ ସବୁ କିଛି ଅଢେଇ ଦିନିଆ'ର ମୂଳ ମର୍ମକୁ ଭୁଲିଯାଇଛେ । ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଭଲ ଓ ଭୁଲର ବିଚାର କରୁ ନାହେଁ । ଅନ୍ୟାୟ ଓ ପାପର ଭାର ଧରାପୃଷ୍ଠରେ ଅଧିକ ହେବାରେ ଲାଗିଲାଣି । ସେଇଥି ପାଇଁ ସଂସାରରେ ଏସବୁ ବିପ୍ରାପ୍ତର ସୁତ୍ରପାତ ହେଉଛି । ଆସନ୍ତୁ ଆମେ ଏକ ମନ ଏକ ପ୍ରାଣ ହୋଇ ନାରୀ ଶକ୍ତିକୁ ଉଜାଗର କରିବା । ତାକୁ ତା'ର ଉଚିତ୍ ସମ୍ମାନର ବସ୍ତ୍ର ପିନ୍ଧାଇ ତା'ର ସୁରକ୍ଷା କରିବା । ତାକୁ ସୁରକ୍ଷିତ ରଖିବା ଓ ସୁରକ୍ଷା ଦେବା ଆମର ମୌଳିକ କର୍ତବ୍ୟ ହେବା ଉଚିତ୍ ।

ୟୁନିଟ-୪ ଭୁବନେଶ୍ୱର
୯୬୯୨୨୨୫୦୫୭

# ହସନ୍ତୁ ଓ ହସାନ୍ତୁ

**॥ ବିପିନ ବିହାରୀ ରାଉତ ॥**

ହାସ୍ୟରସକୁ ଆଧୁନିକ ଚିକିତ୍ସା ବିଜ୍ଞାନୀ ମାନେ ସଂସାରର ସବୁଠାରୁ ବଡ଼ ମହୌଷଧି ବୋଲି ବିବେଚନା କରି ଆସୁଛନ୍ତି । ନିକଟରେ ଆମେରିକାର ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଓ ଅତ୍ୟାଧୁନିକ ଚିକିତ୍ସାନୁଷ୍ଠାନର ଗବେଷକ ମାନେ ବର୍ଷ ବର୍ଷ ଧରି ବିଶ୍ୱର ବିଭିନ୍ନ ଭାଗର ଲୋକମାନଙ୍କ ଭାବାବେଗ ଉପରେ ଗବେଷଣା କରି ଜାଣି ପାରିଛନ୍ତି ଯେ କେବଳ ହସ ହିଁ ଦୁଇଟି ଅପରିଚିତ ଲୋକଙ୍କୁ ନିକଟତର କରାଇପାରେ ଓ ପରସ୍ପର ମଧ୍ୟରେ ନିରବ ଭାବାବେଗ ବିନିମୟ କରିପାରିଥାଏ । ପୁଣି ଶିଶୁଟିଏ ଠାରୁ ବୟୋବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ହସ ହିଁ ମନର ଭାବକୁ ଅନ୍ୟ ନିକଟରେ ବ୍ୟକ୍ତ କରିପାରିଥାଏ । ତେଣୁ ଭାଷା ବିଜ୍ଞାନୀଙ୍କ ଠାରୁ ଆରମ୍ଭ କରି ମନୋବିଜ୍ଞାନୀଙ୍କ ପର୍ଯ୍ୟନ୍ତ ହସ ସମସ୍ତଙ୍କ ପାଇଁ ରହସ୍ୟ ହୋଇ ଆଜି ପର୍ଯ୍ୟନ୍ତ ରହିଆସିଛି । ଚିକିତ୍ସାବିଜ୍ଞାନୀଙ୍କ ମତରେ ଜଣେ ମଣିଷ କଥାବାର୍ତ୍ତା କଲାବେଳେ ପ୍ରତି ଦଶ ମିନିଟରେ ସାତଥର ହସିଥାଏ । ତାହା ତାଙ୍କ ଜାଣତରେ ହେଉ ଅବା ଅଜାଣତରେ । ସେହି ହସ ଟିକକ ହିଁ ଦୁଇ ଜଣ ଭାବ ବିନିମୟକାରୀଙ୍କ ମଧ୍ୟରେ ସଂପର୍କକୁ ନିବିଡ଼ କରିଥାଏ । ପୁଣି ହସିବା ସମୟରେ ସେହି ବ୍ୟକ୍ତିର ଶରୀରର ତନ୍ତୁଗୁଡ଼ିକ ଅଧିକ କାର୍ଯ୍ୟକ୍ଷମ ହୋଇଥାଏ, ରକ୍ତ ସଂଚାଳନ ସ୍ୱାଭାବିକ ହୋଇଥାଏ ଓ କ୍ରୋଧ ତଥା ବିରକ୍ତିଭାବ ଯୋଗୁଁ ରକ୍ତରେ ସୃଷ୍ଟ ଅନିଷ୍ଟକାରୀ ରାସାୟନିକ ପଦାର୍ଥ ଆପେ ଆପେ ଉଭେଇ ଯାଇଥାଏ ।

ହସ କିପରି ଅପରିଚିତ ଲୋକଙ୍କ ନିକଟରେ କରାଇଥାଏ ତାହା ବଖାଣିଛନ୍ତି ଦିଶା ସୌଟର ଏବଂ ଫ୍ରାଙ୍କ ଆଇଜନର ନାମକ ଦୁଇଜଣ ଗବେଷକ । ସେମାନଙ୍କ ମତରେ ସେମାନେ ଯେତେବେଳେ ନାମିବ୍ୟାର ହିମବା ସଂପ୍ରଦାୟର ଲୋକମାନଙ୍କ ସହ ଭାବ ବିନିମୟ କରିବାକୁ ଚାହିଁଲେ ଏହି ଆଦିମ ଜନଜାତିର ଲୋକମାନେ ମୁହଁରେ ହସ ଫୁଟାଇ ସେମାନଙ୍କୁ ସ୍ୱାଗତ କରିଥିଲେ । ପ୍ରତିଥର ଭାବ ବିନିମୟ ବେଳେ ତାହା ହିଁ ଘଟିଥିଲା । ତେଣୁ ହସ ହେଉଛି ମଣିଷ ମନର ନୀରବ ପରିଭାଷା ।

ଏବେ ଚିକିତ୍ସା ବିଜ୍ଞାନୀମାନେ ପରାମର୍ଶ ଦିଅନ୍ତି ଯେ ପ୍ରତିଦିନ ମଣିଷ ଇଛା କରି କିଛି ସମୟ ହସିବା ଆବଶ୍ୟକ । ତାହା କାଳେ ରକ୍ତଚାପକୁ ନିୟନ୍ତ୍ରଣ କରେ । ତେଣୁ ଦେଶ ବିଦେଶରେ କିଛି ବର୍ଷ ଧରି ହସ କ୍ଲବମାନ ଗଠନ କରାଯାଇଛି । ଯୁବକ ଠାରୁ ବୃଦ୍ଧବୃଦ୍ଧା ପ୍ରତିଦିନ ସକାଳେ ପ୍ରାତଃଭ୍ରମଣ କରିବା ବେଳେ ଏକତ୍ରିତ ହୋଇ ଠୋ ଠୋ ହୋଇ କିଛି ସମୟ ହସୁଥିବା ଏକ ସାଧାରଣ ଦୃଶ୍ୟରେ ପରିଣତ ହେଲାଣି । ତାହା ସେମାନଙ୍କୁ ଦିନଟି ସାରା ମନ ଓ ଶରୀରକୁ ସୁସ୍ଥ ଓ କାର୍ଯ୍ୟକ୍ଷମ



ରଖିବାରେ ସହାୟକ ହୋଇଥାଏ ବୋଲି ଅନେକେ କହନ୍ତି । ହସୁଥିବା ବ୍ୟକ୍ତିକୁ ସଭିଏଁ ସୁଖୀ ବୋଲି କହନ୍ତି । କାରଣ ଆଜିର ଜଞ୍ଜାଳପୂର୍ଣ୍ଣ ଜୀବନରେ ମଣିଷ ଚାହିଁଲେ ବି ବେଳେବେଳେ ହସିପାରେ ନାହିଁ । ଜଣେ ଦାର୍ଶନିକ ଜଣେ ବାଇଆକୁ ଆସୁଥିବାର ଦେଖି ଥରେ ମନ୍ତବ୍ୟ ଦେଇଥିଲେ, ଲୋକଟି କେଡ଼େ ଭାଗ୍ୟବାନ କେତେ ମନଖୋଲା ହସ ହସିପାରୁଛି । ବାସ୍ତବିକ ହସ ମଣିଷର ଶ୍ରେଷ୍ଠ ସଂପଦ । କେହି ଭାବଗମ୍ଭୀର ମୁଦ୍ରାରେ ରହିଥିଲେ ତାକୁ ବନ୍ଧୁମାନେ କହନ୍ତି, ମୁହଁଟାକୁ ହାଣ୍ଡିଟା କରି କରିଛୁ କାହିଁକି ? କଣ ଲକ୍ଷେ କି କୋଟିଏ ହରେଇଛୁ ? ମୁହଁରେ ହସକୁ ଜାଣି ଶୁଣି ଲୁଚାଇ ରଖୁଥିବା ବ୍ୟକ୍ତି ସତରେ ହତଭାଗା । କାରଣ ସଂସାରର ଶ୍ରେଷ୍ଠ ସଂପଦକୁ ସେ ହାତରେ ପାଇ ବି ଉପଭୋଗ କରିପାରୁନାହିଁ । ଭାରତରେ ହାସ୍ୟକୁ ଏକ ରସ ବୋଲି କୁହାଯାଇଛି । ଏ ରସ ପ୍ରକୃତରେ ଅମୃତ । ଏକଥା ଆମେ କହୁନାହୁଁ । ଏବେ କହୁଛନ୍ତି ଆଧୁନିକ ଓ ପାଶ୍ଚାତ୍ୟ ଚିକିତ୍ସାବିଜ୍ଞାନୀ । ସେମାନଙ୍କ ପରାମର୍ଶ ହସନ୍ତୁ ଓ ଅନ୍ୟକୁ ହସାନ୍ତୁ ।

ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩

ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



## ବାଲିପାଟଣା ଥାନାରେ ମିଳୁନି ନ୍ୟାୟ !

ବାଲିପାଟଣା (ମହାଭାରତ)ବାଲିପାଟଣା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ସ୍ଥିତି ସଂଗୀନ ହେବାରେ ଲାଗିଛି। ଗରିବ ଅଭିଯୋଗକାରୀଙ୍କୁ ନ୍ୟାୟ ମିଳିବା କେତେ କଷ୍ଟକର, ତାର ଏକ ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛି। ଛେଳି ଚୋରି ମାମଲାରେ ପ୍ରତ୍ୟକ୍ଷଦର୍ଶୀ ଓ ସବୁ ପ୍ରମାଣ ଥାଇ ମଧ୍ୟ ସ୍ଥାନୀୟ ପୋଲିସ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି।ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ କୁଳନ୍ତିରା ଶାସନର ବିଜୟ ମଲ୍ଲିକଙ୍କ ଗୁହାଳରୁ ଛେଳି ଚୋରି ହୋଇଥିଲା। ଚୋରି ସମୟରେ ବିଜୟ ଓ ତାଙ୍କ ପତ୍ନୀ ଅଭିଯୁକ୍ତକୁ ରାତି ୨ଟାରେ ନିଜ ଆଖିରେ ଦେଖିଥିଲେ। ଏ ନେଇ ନ୍ୟାୟ ଆଶାରେ ସେ ଥାନାର ଦ୍ୱାରସ୍ଥ ହେବା ପରେ ୧୬ ତାରିଖରେ ଏଫ୍‌ଆଇଆର୍ ତ ରୁଜୁ ହେଲା, କିନ୍ତୁ ପରିଣାମ ମିଳିଲା ଶୂନ। ପୋଲିସ ଅଭିଯୁକ୍ତକୁ ଥାନାକୁ ଡାକି କେବଳ ଆନୁଷ୍ଠାନିକ ପଚରାଉଚରା କରି ସହଜରେ ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି।ଗରିବ ଅଭିଯୋଗକାରୀ ଯେତେବେଳେ ନ୍ୟାୟ ପାଇଁ ଥାନାକୁ ଯାଉଛନ୍ତି, ତାଙ୍କୁ ଆଶ୍ୱାସନା ବଦଳରେ ରୁକ୍ଷ ବ୍ୟବହାର ମିଳୁଛି। ଏକ ମାସ ପରେ ଆସିଲେ ମୁଁ ବୁଝିବି, ଯେଉଁଠି ଅଭିଯୋଗ କରିବାର ଅଛି କର, ମୋର କେହି କିଛି କରିପାରିବେ ନାହିଁ ଏଭଳି କହି ତଦନ୍ତକାରୀ ଅଧିକାରୀ ରାକେଶ କୁମାର ଦାସ ନିଜ ଦାୟିତ୍ୱରୁ ଓହରି ଯାଉଥିବା ବିଜୟ ଅଭିଯୋଗ କରିଛନ୍ତି। ସେପଟେ ଏ ସମ୍ପର୍କରେ ସଂପୃକ୍ତ ଅଧିକାରୀଙ୍କୁ ପଚାରିବାରୁ, ତଦନ୍ତ ଚାଲିଛି ବୋଲି କହି ସେ କଥା ଏଡ଼ାଇ ଯାଇଛନ୍ତି। ଏବେ ପ୍ରଶ୍ନ ଉଠୁଛି ଗରିବ ଲୋକଟିଏ ନିଜ ସମ୍ପତ୍ତି ଫେରିପାଇବାକୁ କ'ଣ ମାସେ ଅପେକ୍ଷା କରିବ। ଏହି ସମୟ ମଧ୍ୟରେ ଅଭିଯୁକ୍ତ ପ୍ରମାଣ ନଷ୍ଟ କଲେ ଦାୟୀ କିଏ ହେବ। ବାଲିପାଟଣା ପୋଲିସର ଏଭଳି ଉଦାସୀନତା ଯୋଗୁଁ ଅଞ୍ଚଳରେ ଅପରାଧୀଙ୍କ ସାହସ ବଢ଼ିବାରେ ଲାଗିଛି, ଯାହା ସାଧାରଣ ଜନତାଙ୍କ ସୁରକ୍ଷା ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଚର୍ଚ୍ଚା ହେଉଛି।

## ମୋବାଇଲ ପାଇଁ ମହାଭାରତ

କପ୍ତିପଦା -(ମହାଭାରତ ): ସମ୍ପର୍କରେ ଲାଗିଲା ରକ୍ତ ଛିଟା। ସାମାନ୍ୟ ମୋବାଇଲ କୁ ନେଇ ତେଲେଙ୍ଗା କଟୁରୀରେ ସାନ ଭାଇ ଓ ବାପା କୁ ହାଣି ପକାଇଲା ବଡ଼ ଭାଇ। ଏଭଳି ଘଟଣା ଘଟିଛି ଖୁଣ୍ଟା ଥାନା ଶିରାଥଳି ଗ୍ରାମରେ। ଗ୍ରାମର ସଦାନନ୍ଦ ବାରିକ ଙ୍କ ସାନ ପୁଅ ସୁଶାନ୍ତ ବାରିକ ଏକ ମୋବାଇଲ ରାସ୍ତାରୁ ପାଇଥିଲେ। ଯାହାକି ଉକ୍ତ ମୋବାଇଲ ର ମାଲିକ ଆସି ଗତକାଲି ସନ୍ଧ୍ୟାରେ ମୋବାଇଲ ନେଇ ଯାଇଥିଲେ। ହେଲେ ବିଳମ୍ବିତ ରାତିରେ ଅଚାନକ ସଦାନନ୍ଦ ଙ୍କ ବଡ଼ ପୁଅ ହେମନ୍ତ ବାରିକ ଘରେ ପହଞ୍ଚି ମୋବାଇଲ କଣ ପାଇଁ ଦେଲ ବୋଲି କହି ଏକ ତେଲେଙ୍ଗା କଟୁରୀରେ ପ୍ରଥମେ ବାପା ସଦାନନ୍ଦ ଙ୍କୁ ଆକ୍ରମଣ କରିଥିଲା। ସଦାନନ୍ଦ ଙ୍କ ଗୋଡ଼ ହାଣି ଦେବା ପରେ ସାନ ଭାଇ ସୁଶାନ୍ତ ର ମୁଣ୍ଡ କୁ ହାଣିଥିଲା ବଡ଼ ଭାଇ ହେମନ୍ତ। ମୋବାଇଲ ଦେବା କଥା କହିବା ସହିତ ପୂର୍ବରୁ ଥିବା ଜମି ବାଡ଼ି ବିବାଦ ରହି ଆସିଥିବା ବେଳେ ମୋବାଇଲ ସହିତ ଜମି ପାଇଁ ମଧ୍ୟ ଆକ୍ରମଣ କରିଥିବା କହିଛନ୍ତି ଗୁରୁତର ସଦାନନ୍ଦ। ତେବେ ଆକ୍ରମଣରେ ଉଭୟ ଗୁରୁତର ହୋଇଥିବା ବେଳେ ପରିବାର ଲୋକେ ସେମାନଙ୍କୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଛନ୍ତି।

## ସାପ କାମୁଡ଼ାରେ ନାବାଳକାର ମୃତ୍ୟୁ

ରାଇଘର(ମହାଭାରତ): ରାଇଘର ବ୍ଲକ ଅନ୍ତର୍ଗତ ଗଞ୍ଜାପାରା ପଞ୍ଚାୟତ ର କୁସୁମପୁର (କୋଡାଲପାରା)ଗ୍ରାମର ସୁବିଲାଲ ଗଣ୍ଡ ଙ୍କ ପୁଅ ଦୁମନ୍ତ ଗଣ୍ଡ( ୭) ଖାଇ ସାରି ଶୋଇଥିବା ବେଳେ ସାପ ଟି। ପାଟିରେ କାମୁଡ଼ି ଥିଲା।ଏକ ଦୁଃଖଦ ଘଟଣା ଘଟିଛି, ଯେଉଁଠାରେ ସାପ କାମୁଡ଼ାରେ ଏକ ୭ ବର୍ଷର ନାବାଳକାର ମୃତ୍ୟୁ ହୋଇଛି।ଘଟଣାଟି ଶନିବାର ରାତିରେ ଖାଇ ସାରି ଶୋଇଥିବା ବେଳେ ୧୧ ଟା ସମୟରେ ଘଟିଥିଲା ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହାଟଭରଣ୍ଡି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହାଟଭରଣ୍ଡି ସ୍ୱାସ୍ଥ୍ୟ କେନ୍ଦ୍ରରୁ ଉମରକୋଟ ର ମୁଖ୍ୟ ଚିକିତ୍ସାଳୟକୁ ନେବାର ଅଧା ରାସ୍ତାରେ ମୃତ୍ୟୁ ହୋଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ପରିବାରରେ ଶୋକର ଛାୟା ଖେଳିଯାଇଛ।

## ମୌଳିକ ସୁବିଧା ଅପେକ୍ଷାରେ 'ବିଲାମାଲ'

ଭବାନୀପାଟଣା: କଳାହାଣ୍ଡିଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଦୁର୍ଗମ ବିଲାମାଲ ଗାଁକୁ ସ୍ୱାଧୀନତାର ଅନେକ ଦଶନ୍ଧି ପରେ ମଧ୍ୟ ମୌଳିକ ସୁବିଧା ପହଞ୍ଚି ପାରିନି। ନିର୍ବାଚନ ସମୟରେ ନେତାଙ୍କ ପ୍ରତିଶ୍ରୁତିକୁ ପାଥେୟ କରି ବର୍ଷ ବର୍ଷ ଧରି ବିକାଶ ଅପେକ୍ଷାରେ ରହିଛନ୍ତି ଗ୍ରାମବାସୀ। କଳାହାଣ୍ଡି, ରାୟଗଡ଼ା ଜିଲ୍ଲା ସୀମାନ୍ତ ନାଗାବଳୀ ନଦୀ ନିକଟରେ ରହିଛି ବିଲାମାଲ ଗାଁ। ଆବୁଡ଼ା ଖାବୁଡ଼ା ପଥୁରିଆ ରାସ୍ତା ଦେଇ ୫ କିମି ପାଦରେ ଚାଲିଚାଲି ଗଲାପରେ ଯାଇ ଉପାନ୍ତ ବିଲାମାଲ ଗାଁରେ ପହଞ୍ଚି ହେବ। ଗାଁର ପରିବାର ସଂଖ୍ୟା ୨୫୦। ରାସ୍ତା ନ ଥିବାରୁ ଗର୍ଭବତୀ କିମ୍ବା ଅନ୍ୟ ରୋଗୀଙ୍କୁ ଖଟିଆରେ ବୋହି ୧୨ କିଲୋମିଟର ଦୂର ପଡ଼ୋଶୀ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ଡାକ୍ତରଖାନାକୁ ନେଇଥାନ୍ତି। ଆଜି ପର୍ଯ୍ୟନ୍ତ ଗାଁରେ ନଳକୂପଟିଏ ଖୋଳା ଯାଇପାରିଲାନି। ଦୂଷିତ ପାଣି ପିଇବା ଯୋଗୁଁ ଲୋକେ ବାରମ୍ବାର ରୋଗାକ୍ରାନ୍ତ ହେଉଛନ୍ତି। କାଖରେ ଗରା ଓ ମାଠିଆ ଧରି ଗାଁଠାରୁ ୨ କିଲୋମିଟର ଦୂର ପଥର କୋଳପାରୁ ପାଣି ସଂଗ୍ରହ ପାଇଁ ମହିଳାଙ୍କ ଲମ୍ବା ଧାଡ଼ି ଲାଗିଥାଏ।ବ୍ଲକ୍ ପ୍ରଶାସନ ପକ୍ଷରୁ ସୌରଚାଳିତ ପମ୍ପର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ମରାମତି ଅଭାବରୁ ତାହା ଖତ ଖାଉଛି। ଗାଁରେ ବିଦ୍ୟୁତ୍ ସଂଯୋଗ ନଥିବା ଯୋଗୁଁ ଡିବିରି ଆଲୁଅରେ ରାତି କଟୁଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଅଧୀନରେ ବିଲାମାଲ ଆସୁଥିଲେ ମଧ୍ୟ ଗ୍ରାମବାସୀ ନିଜର ଦୈନନ୍ଦିନ ଜୀବନଯାପନ ପାଇଁ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ଉପରେ ନିର୍ଭର କରନ୍ତି। ଗାଁଠାରୁ ପାଖରେ କଲ୍ୟାଣସିଂପୁର ଅଥଚ ନିଜ ବ୍ଲକ୍ ସଦର ମହକୁମା ଯିବାକୁ ହେଲେ ପ୍ରାୟ ୯୦ କିଲୋମିଟର ବାଟ ପଡ଼େ।ପିଡିଏସ୍ ସାମଗ୍ରୀ ପାଇଁ ପାହାଡ଼ିଆ ରାସ୍ତାରେ ୫ କିଲୋମିଟର ସିଲେଟ ଗାଁକୁ ଯିବାକୁ ପଡ଼ିଥାଏ। ଗାଁର ସମସ୍ତ ପିଲା ଆଜି ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ଅଛନ୍ତି। ଥୁଆମୂଳ ରାମପୁର ବ୍ଲକ୍ ଭଳି ଦୁର୍ଗମ ଇଲାକାରେ ଏଭଳି ଅନେକ ଗାଁର ଅବସ୍ଥା ଏଭଳି। ଏ ସଂପର୍କରେ ଥୁଆମୂଳ ରାମପୁର ବିଡିଓ ଧ୍ରୁବଚରଣ ମୁଦୁଲିଙ୍କୁ ପଚାରିବାରୁ ସେ ଘଟଣାସ୍ଥଳ ପରିଦର୍ଶନ କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଥିଲେ। ରାଜ୍ୟ ସରକାର ଆଉ ବିଳମ୍ବ ନ କରି ତୁରନ୍ତ ଏ ଅଞ୍ଚଳକୁ ବିକାଶ ପ୍ରକ୍ରିୟାରେ ସାମିଲ କରିବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି।

## ଦୀର୍ଘ ୪ ବର୍ଷ ଧରି ରାସ୍ତା କାମ ଚାଲିଛି କିନ୍ତୁ ଶେଷ ହେବାରେ ନା ଧରୁନି



ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଜାକେଡ଼ା ପଞ୍ଚାୟତ ଶିମିଳିସାହି ଠାରୁ ପାରିପି ପଞ୍ଚାୟତ ବାଲଣ୍ଡା ପର୍ଯ୍ୟନ୍ତ ୮.୮୦ କିଲୋମିଟର ରାସ୍ତା ଦୀର୍ଘ ୪ ବର୍ଷ ହେଲା କାମ ହେଉଛି କିନ୍ତୁ ଶେଷ ହେବାରେ ନାଁ ଧରୁନାହିଁ।ଏହା ନିତିଦିନିଆ ରାସ୍ତା ହୋଇଥିବାରୁ ଏଥିରେ ୧୪ ଖଣ୍ଡ ରୁ ଅଧିକ ଗାଁ ଲୋକେ ଯିବାଆସିବାରେ ନାହିଁ ନଥିବାର ଅସୁବିଧା ସମ୍ମୁଖୀନ ହେଉଛନ୍ତି।ରାସ୍ତା ନିର୍ମାଣ ପାଇଁ ଅଟକଳ ପରିମାଣ ୩୭୬.୩୧ ଲକ୍ଷ ମଞ୍ଜୁର ହୋଇଥିଲେ ହେଁ ୨୦୨୨ ମସିହା କାର୍ଯ୍ୟାଦେଶ ଆରମ୍ଭ ହୋଇ ୨୦୨୩ ମସିହାରେ ଏହାର କାର୍ଯ୍ୟ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା କିନ୍ତୁ ଠିକା ସଂସ୍ଥାକାରୀ କାମରେ ବିଳମ୍ବ କରିବାରୁ ବିଭାଗ ପକ୍ଷରୁ ଠିକା ସଂସ୍ଥାକାରୀଙ୍କୁ ପୁନର୍ବାର ୨୦୨୪ ସୁଦ୍ଧା କାମ ସାରିବାକୁ ସମୟ ଧାର୍ଯ୍ୟ ଦିଆଯାଇଥିଲା।ଏହାସତ୍ତ୍ୱ ବର୍ତ୍ତମାନ ସୁଦ୍ଧା ଠିକା ସଂସ୍ଥାକାରୀ କିଛି ବାଟ ପର୍ଯ୍ୟନ୍ତ ପିଚୁ ପକାଇ କାମ ବନ୍ଦ ରଖିବା ବେଳେ ଆଉ କିଛି ବାଟ ପିଚୁ ପଡ଼ିନଥିବା ଦେଖିବାକୁ ମିଳିଛି । ନିମ୍ନମାନର କାମ ହୋଇଥିବାରୁ ରାସ୍ତାରୁ ପିଚୁ ଉଠିଥିବା ଦେଖାଦେଇଛି । ଗ୍ରାମାଞ୍ଚଳର ବିକାଶ ଏବଂ ରାସ୍ତା ଘାଟର ଉନ୍ନତି କରଣ ସହ ଲୋକଙ୍କ ଗମନାଗମନ ସୁବିଧା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଖର୍ଚ୍ଚ କରୁଥିବା ବେଳେ ତରବରିଆ ଭାବେ ନିମ୍ନମାନର ରାସ୍ତା କାମ କରି ବିଭାଗୀୟ ଯନ୍ତ୍ରୀ ଏବଂ ଠିକା ସଂସ୍ଥାକାରୀ ମିଳିମିଶି ଲକ୍ଷ ଲକ୍ଷ ଟଙ୍କା ଲୋଟି ନେଉଥିବା କାମରୁ ହିଁ ଜଣାପଡୁଛି ।ଏକଥା ଆମେ କହୁନୁ ଲୋକଙ୍କ ପାଖରୁ ଶୁଣିବାକୁ ମିଳୁଛ।୨୦୨୬ ମସିହା ଫେବୃଆରୀ ମାସ ସୁଦ୍ଧା କାମ ସାରିବାକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ହେଁ ଜୁନ ମାସ ସରିବାକୁ ବସିଲାଣି ହେଲେ ଆଜି ପର୍ଯ୍ୟନ୍ତ କାମ ଶେଷ ହୋଇନାହିଁ ।ଚଳିତ ମାସ ଠାରୁ ବର୍ଷା ସିଜିନ ଆସୁଥିବାରୁ ରାସ୍ତାରେ ଯିବାଆସିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।ଏହି ରାସ୍ତାକୁ ନେଇ ପୂର୍ବରୁ ଜିଲ୍ଲା ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ନୟାଗଡ଼ - ୨ କୁ ଘେରାଉ କରି ତୁମ୍ଭି ହୋଇଥିଲା କିନ୍ତୁ ଏଥି ପାଇଁ ସରକାର କିମ୍ବା ପ୍ରଶାସନ ଦୃଷ୍ଟି ଦେବାକୁ କାହାରି ପାଖରେ ନିଘା ନାହିଁ,ଏକ ପ୍ରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡ଼ିଥିବା ଜଣାପଡ଼ୁଛି ।ଯେହେତୁ ବର୍ଷା ସିଜିନ ଆସିଗଲା ତା' ପୂର୍ବରୁ ତୁରନ୍ତ ଏହି ରାସ୍ତା କାମ ସାରିବାକୁ ସରକାର ପାଖରେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ଜୋର ହେଉଛି ।ରାସ୍ତା ସମସ୍ୟାକୁ ନେଇ ଗଣମାଧ୍ୟମ ପ୍ରତିନିଧି ମୋବାଇଲ ଯୋଗେ ଯୋଗାଯୋଗ କଲେ ଗ୍ରାମ୍ୟ ନିର୍ମାଣ ଉପବିଭାଜନ ନୂଆଗାଁ ବିଭାଗୀୟ ଯନ୍ତ୍ରୀ ଫୋନ ଉଠାଉ ନଥିବା ଜଣାପଡିଛି ।ବର୍ତ୍ତମାନ ଠିକା ସଂସ୍ଥାକାରୀ କେବେ ସୁଦ୍ଧା ରାସ୍ତା କାମ ସାରିବ ଏଥି ପାଇଁ ସରକାର ଓ ଜିଲ୍ଲା ବିଭାଗୀୟ ଅଧିକାରୀ କି ପଦକ୍ଷେପ ନେଉଛି ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଛି।

## ପାରାଦୀପରେ ପଲସ୍ ପୋଲିଓ ଟୀକାକରଣ
## ବନ୍ଦର ଚିକିତ୍ସାଳୟରେ ପୋଲିଓ ବୁନ୍ଦା ଖୁଆଇଲେ ବନ୍ଦର ଅଧ୍ୟକ୍ଷ



ପାରାଦୀପ(ମହାଭାରତ):ସମଗ୍ର ଦେଶକୁ ପୋଲିଓ ମୁକ୍ତ କରିବାକୁ ଭାରତ ସରକାର ପ୍ରୟାସ କରୁଛନ୍ତି । ପୋଲିଓ ମୁକ୍ତ ଭାରତ ଗଠନର ଲକ୍ଷ୍ୟ ନେଇ ରବିବାର ଦିନ ବନ୍ଦର ଚିକିତ୍ସାଳୟରେ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ପାରାଦୀପ ବନ୍ଦର ଚିକିତ୍ସାଳୟରେ ଏହି ଟୀକାକରଣ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅଧ୍ୟକ୍ଷ ଶ୍ରୀ ହରନାଦ ପିଲାମାନଙ୍କୁ ପୋଲିଓ ଦୁଇ ବୁନ୍ଦା ଖୁଆଇ ସୁସ୍ଥ ଭାରତ, ପୋଲିଓ ମୁକ୍ତ ଭାରତ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ । ଜନ୍ମ ଠାରୁ ୫ବର୍ଷ ପର୍ଯ୍ୟନ୍ତ ପିଲାମାନେ ଏଠାରେ ପହଂଚି ପୋଲିଓ ଦୁଇ ବୁନ୍ଦା ଖାଇଥିଲେ । କାର୍ଯ୍ୟକ୍ରମରେ ବନ୍ଦରର ବିଭିନ୍ନ ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, ବନ୍ଦର ଚିକିତ୍ସାଳୟର ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀ, ଚିକିତ୍ସାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ପାରାଦୀପ ଟ୍ରେଲର ମାଲିକ ସଂଘ ନିର୍ବାଚନ
## ପ୍ରକାଶ କୁମାର ଜେନା ସଭାପତି, ନଗେନ୍ଦ୍ର ରାଉତ ସମ୍ପାଦକ



ପାରାଦୀପ(ମହାଭାରତ) ପାରାଦୀପଠାରେ ଥିବା ପାରାଦୀପ ଟ୍ରେଲର ଓ ଗ୍ୟାସ ଟ୍ୟାଙ୍କର ମାଲିକ ସଂଘ କର୍ମକର୍ତା ନିର୍ବାଚନ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ମିଳିତ ସମ୍ମନ୍ୱୟ କମିଟିର ଅଧ୍ୟକ୍ଷ ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ଉପସ୍ଥିତିରେ ସାଧାରଣ ପରିଷଦ ବୈଠକରେ କର୍ମକର୍ତ୍ତା ନିର୍ବାଚନ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା । ସଭାପତି ଭାବେ ପ୍ରକାଶ କୁମାର ଜେନା, କାର୍ଯ୍ୟକାରୀ ସଭାପତି କର୍ମେଶ୍ୱର ସ୍ୱାଇଁ, ଉପସଭାପତି ଆଶୁତୋଷ ସ୍ୱାଇଁ, ସମ୍ପାଦକ ଭାବେ ନଗେନ୍ଦ୍ର ରାଉତ, ସହସମ୍ପାଦକ ସତ୍ୟଜିତ ପ୍ରଧାନ, ଯୁଗ୍ମ ସମ୍ପାଦକ ମନମୋହନ ନାୟକ ଓ କୋଷାଧ୍ୟକ୍ଷ ଭାବେ ତୃପ୍ତିରଂଜନ ପୃଷ୍ଟି ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ । ଗତ ଜୁନ୍ ୧୨ ତାରିଖ ଦିନ ପାରାଦୀପର ତିନିଗୋଟି ଟ୍ରେଲର ସଂଘକୁ ନେଇ ଗଠିତ ମିଳିତ ସମ୍ମନ୍ୱୟ କମିଟିରେ ଆସନ୍ତା ଜୁଲାଇ ମାସ ୧୫ ତାରିଖ ମଧ୍ୟରେ ତିନିଗୋଟି ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ସାରିବାକୁ କମିଟିର ଅଧ୍ୟକ୍ଷ ପ୍ରକାଶ ତ୍ରିପାଠୀ ପ୍ରସ୍ତାବ ଦେଇଥିଲେ । ଦେଶର ପ୍ରମୁଖ ବନ୍ଦର ପାରାଦୀପରେ ଆଗାମୀ ଦିନରେ କଣ୍ଟେନର ମାଧ୍ୟମରେ ପଣ୍ୟ ପରିବହନ କରିବାକୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଯୋଜନା କରୁଥିବାରୁ ପାରାଦୀପରେ ଟ୍ରେଲର ଗୁଡିକର ବହୁଳ ଆବଶ୍ୟକତା ପଡିବ । ପାରାଦୀପରେ ଟ୍ରେଲର ସଂଖ୍ୟା ଆବଶ୍ୟକତା ଠାରୁ ବହୁତ କମ୍ ରହିଛି । ଏହି ଆବଶ୍ୟକତା ପୂରଣ କରିବାକୁ ହେଲେ ଅଧିକ ସଂଖ୍ୟକ ଟ୍ରେଲର ଆଣିବା ସହିତ ନୂତନ ସଭ୍ୟମାନଙ୍କୁ ସଂଘରେ ସାମିଲ କରିବାକୁ ପ୍ରସ୍ତାବ ପାରିତ ହୋଇଥିଲା ।

## ବଜ୍ରାଘାତରେ ମା' ଓ ଝିଅଙ୍କ ମୃତ୍ୟୁ: ନିନାଶପାଣୀ ଗ୍ରାମରେ ଶୋକର ଛାୟା

ରାଇଘର ବ୍ଲକ(ମହାଭାରତ)ମୁଣ୍ଡିବେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନିନାଶପାଣୀ ଗ୍ରାମରେ ଘଟିଛି ଏକ ହୃଦୟବିଦାରକ ଓ ଅଭାବନୀୟ ଘଟଣା।ବଜ୍ରାଘାତରେ ଏକାସାଙ୍ଗରେ ମା' ଓ ଝିଅଙ୍କ ମୃତ୍ୟୁ ଘଟିଥିବାରୁ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ହେଲେ ଦୈମତୀ ମୁଦୁଲି (୫୫) ଓ ତାଙ୍କ ଝିଅ ଚମ୍ପା ମୁଦୁଲି (୨୦)। ଚମ୍ପା ମୁଦୁଲି ସ୍ଥାନୀୟ ବିଦ୍ୟାଳୟରେ ଶିଶୁ ସେବିକା ଭାବେ କାର୍ଯ୍ୟରତ ଥିବା ଜଣାପଡ଼ିଛି।ସୂଚନା ଅନୁଯାୟୀ, ଦୈମତୀ ମୁଦୁଲି ଓ ତାଙ୍କ ଝିଅ ଚମ୍ପା ମୁଦୁଲି ନିଜ ଜମିରେ କାମ କରିବାକୁ ଯାଇଥିବା ବେଳେ ହଠାତ ପାଗ ପରିବର୍ତନ ହୋଇ ବର୍ଷା ସହ ଘଡ଼ଘଡ଼ି ଆରମ୍ଭ ହୋଇଥିଲା ସେହି ସମୟରେ କୁସୁମ ଗଛ ତଳେ ଆଶ୍ରୟ ନେଇଥିବା ସମୟରେ ଏକ ଭୟଙ୍କର ବଜ୍ରପାତ ସିଧାସଳଖ ସେମାନଙ୍କ ଉପରେ ପଡ଼ିଥିଲା।ବଜ୍ରାଘାତ ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ଉଭୟ ଗୁରୁତର ଭାବେ ଆହତ ହୋଇ ପଡ଼ିଥିଲେ।ସ୍ଥାନୀୟ ଲୋକମାନେ ଘଟଣା ଜାଣି ତୁରନ୍ତ ସେମାନଙ୍କ ପାଖକୁ ଦୌଡ଼ି ଯାଇଥିଲେ ଏବଂ ଉଦ୍ଧାର କରି ଚିକିତ୍ସା ପାଇଁ ନେବାର ବ୍ୟବସ୍ଥା କରିଥିଲେ। କିନ୍ତୁ ସେତେବେଳକୁ ବହୁତ ଦେରି ହୋଇଯାଇଥିଲା। ସେହି ଯାଗାରେ ହିଁ ମୃତ ଘଟିଥିବା ସୂଚନା ମିଳିଥିଲା।ଘଟଣା ପରେ ନିନାଶପାଣୀ ଗ୍ରାମରେ ଶୋକର ବାତାବରଣ ସୃଷ୍ଟି ହୋଇଛି। ଏକାସାଙ୍ଗରେ ମା' ଓ ଝିଅଙ୍କୁ ହରାଇ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଚମ୍ପା ମୁଦୁଲି ଜଣେ କର୍ତ୍ତବ୍ୟନିଷ୍ଠ ଓ ମିଷ୍ଟଭାଷୀ ଶିଶୁ ସେବିକା ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କର ଅକାଳ ବିୟୋଗ ଖବର ଶୁଣି ବିଦ୍ୟାଳୟର ଶିକ୍ଷକ,ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଗଭୀର ଦୁଃଖ ପ୍ରକାଶ ପାଇଛି।ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଦୁଇଟିକୁ ଜବତ କରିଥିଲେ। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବେଳେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସୂଚନା ମିଳିଛି। ପ୍ରଶାସନ ପକ୍ଷରୁ ପୀଡ଼ିତ ପରିବାରକୁ ସରକାରୀ ସହାୟତା ଓ ବଜ୍ରାଘାତ ଜନିତ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମ ବାସୀ ଦାବୀକରିଛନ୍ତି।ବର୍ଷା ଋତୁରେ ବଜ୍ରପାତ ଘଟଣା ବଢୁଥିବା ବେଳେ ବିଶେଷଜ୍ଞମାନେ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଉଛନ୍ତି। ଘଡ଼ଘଡ଼ି ଓ ବଜ୍ରପାତ ସମୟରେ ଗଛ ତଳେ ରହିବା କିମ୍ବା ଖୋଲା ସ୍ଥାନରେ କାମ କରିବା ଅତ୍ୟନ୍ତ ବିପଦଜନକ ବୋଲି କୁହାଯାଉଛି।ନିନାଶପାଣୀ ଗ୍ରାମର ଏହି ଦୁଃଖଦ ଘଟଣା ପୁଣି ଥରେ ପ୍ରମାଣ କରିଛି ଯେ ପ୍ରାକୃତିକ ବିପର୍ଯ୍ୟୟ କେବେ ଏବଂ କିପରି ମଣିଷର ଜୀବନକୁ ଛିନିନେବ, ତାହା କହିବା ଅସମ୍ଭବ। ମା' ଓ ଝିଅଙ୍କ ଏହି ଅକାଳ ବିୟୋଗ ଗ୍ରାମବାସୀଙ୍କୁ ସ୍ତବ୍ଧ କରିଦେଇଥିବା ବେଳେ ସମସ୍ତେ ମୃତ ଆତ୍ମାଙ୍କର ସଦ୍ଗତି କାମନା କରୁଛନ୍ତ।

## ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ଆହତ ହରିଣର ମୃତ୍ୟୁ



କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ଏକ ହରିଣର ମୃତ ଘଟିଛି। କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ରେଞ୍ଜର ଚମ୍ପାଝର ଫୋରେଷ୍ଟ ବିଟ ଅଧୀନ ଘଣ୍ଟିଆଦର ଗ୍ରାମରେ ରବିବାର ସକାଳେ ଆହତ ଅବସ୍ଥାରେ ଏକ ଅଣ୍ଡିରା ହରିଣ ଗ୍ରାମ ଭିତରକୁ ଦୌଡ଼ି ଆସିଥିଲା। କିନ୍ତୁ ଚିକିତ୍ସା ପାଇବା ପୂର୍ବରୁ ତାହାର ମୃତ୍ୟୁ ହୋଇଯାଇଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।ବନ ବିଭାଗର ସୂଚନା ଅନୁଯାୟୀ, ମୃତ ହରିଣଟିର ବୟସ ପ୍ରାୟ ୩ରୁ ୪ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଇଛି। ସକାଳ ସମୟରେ ହରିଣଟି ଜଙ୍ଗଲ ଭିତରୁ ବାହାରି ଆସୁଥିବା ବେଳେ କିଛି କୁକୁର ତାହାକୁ ଗଡ଼ାଇ ଗଡ଼ାଇ କାମୁଡ଼ି ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଭୟଭୀତ ଓ ଗୁରୁତର ଆହତ ହୋଇ ହରିଣଟି ସକାଳ ପ୍ରାୟ ୮ଟା ସମୟରେ ଘଣ୍ଟିଆଦର ଗ୍ରାମ ଭିତରେ ଥିବା ଏକ ସ୍କୁଲ ପାଖକୁ ଦୌଡ଼ି ଆସି ପହଞ୍ଚିଥିଲା।ଗ୍ରାମବାସୀମାନେ ହରିଣଟିକୁ ଦେଖି କୁକୁରମାନଙ୍କ କବଳରୁ ଉଦ୍ଧାର କରିଥିଲେ ଏବଂ ବନ ବିଭାଗକୁ ଖବର ଦେଇଥିଲେ। ସୂଚନା ପାଇ ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ଫୋରେଷ୍ଟର କିଶ୍ୱର କୁମାର ମହାନ୍ତ ଓ ଅନ୍ୟ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଥିଲେ।ସେଠାରେ ହରିଣଟି କୁକୁର ଆକ୍ରମଣରେ ଗୁରୁତର ଆହତ ହୋଇ ମୁମୂର୍ଷ ଅବସ୍ଥାରେ ପଡ଼ିଥିବା ଦେଖାଯାଇଥିଲା। ବନ ବିଭାଗ ହରିଣଟିକୁ ଚିକିତ୍ସା ପାଇଁ ନେବାକୁ ପ୍ରସ୍ତୁତି କରୁଥିବା ବେଳେ ଘଟଣାସ୍ଥଳରେ ହିଁ ତାହାର ମୃତ୍ୟୁ ଘଟିଥିଲା।ପରେ ପ୍ରାଣୀ ଚିକିତ୍ସକ ମନୋରଞ୍ଜନ ମହାପାତ୍ର ଓ ଏଲଆଇ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଉପସ୍ଥିତିରେ ହରିଣଟିର ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ପରେ ବନ ବିଭାଗ ପକ୍ଷରୁ ନିୟମାନୁସାରେ ମୃତ ହରିଣଟିକୁ ପୋତି ଦିଆଯାଇଛି।ଏହି ଘଟଣା ପୁନର୍ବାର ଜଙ୍ଗଲ ଅଞ୍ଚଳରେ ବନ୍ୟଜନ୍ତୁ ସୁରକ୍ଷା ଓ ଗ୍ରାମ ଅଞ୍ଚଳକୁ ପ୍ରବେଶ କରୁଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ଚିନ୍ତା ବଢ଼ାଇଛି। ସ୍ଥାନୀୟ ଲୋକମାନେ ବନ ବିଭାଗକୁ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଅଧିକ ସଚେତନ ଓ ସକ୍ରିୟ ହେବାକୁ ଅନୁରୋଧ କରିଛନ୍ତ।

## ଅଧାରେ ଅଟକିଛି ଏମଭି-୭୯ ଅତ୍ୟାଧୁନିକ ଜିମ୍ ପ୍ରକଳ୍ପ
## ଶୀଘ୍ର କାର୍ଯ୍ୟକ୍ଷମ ପାଇଁ ଯୁବବର୍ଗଙ୍କ ଦାବି



ମାଲକାନଗିରି(ମହାଭାରତ): ଏମଭି-୭୯ ଅଞ୍ଚଳରେ ନିର୍ମାଣାଧୀନ ଅତ୍ୟାଧୁନିକ ଜିମ୍ ପ୍ରକଳ୍ପକୁ ନେଇ ଯେଉଁ ଉତ୍ସାହ ଓ ଆଶା ସୃଷ୍ଟି ହୋଇଥିଲା, ତାହା ଏବେ କିଛିଟା ମ୍ୟର ହୋଇପଡ଼ିଛି। ପ୍ରାୟ ଏକ ସପ୍ତାହ ଧରି ଜିମ୍ ନିର୍ମାଣ ଓ ସମ୍ପୂର୍ଣ୍ଣକରଣ କାମ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପଞ୍ଚାୟତ ଜେ.ଇ.ଙ୍କ ବଦଳି ପରେ କାମରେ ଅଗ୍ରଗତି ନ ହେବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି।ପୂର୍ବରୁ ଚାଉଳ ବଣ୍ଟନ କେନ୍ଦ୍ର ଭାବେ ବ୍ୟବହୃତ ହେଉଥିବା ଗୃହକୁ ମରାମତି କରି ଏକ ଆଧୁନିକ ଜିମ୍ ସେଣ୍ଟରରେ ପରିଣତ କରିବାକୁ ଯୋଜନା ହୋଇଥିଲା। ନିର୍ମାଣ କାର୍ଯ୍ୟର ଅଧିକାଂଶ ଭାଗ ଶେଷ ହୋଇଥିବା ବେଳେ ବିଦ୍ୟୁତ ସଂଯୋଗ, ଆଭ୍ୟନ୍ତରୀଣ ବ୍ୟବସ୍ଥା, ଜିମ୍ ଉପକରଣ ଆଣିବା ଓ ସ୍ଥାପନ ଭଳି ଗୁରୁତ୍ୱପୂର୍ଣ୍ଣ କାମ ଏପର୍ଯ୍ୟନ୍ତ ବାକି ରହିଛି।ଜିମ୍ ପ୍ରକଳ୍ପକୁ ନେଇ ଉତ୍ସାହିତ ଥିବା ଅଞ୍ଚଳର ଯୁବବର୍ଗ ପ୍ରତିଦିନ ସ୍ଥଳକୁ ଯାଇ କାମର ସ୍ଥିତି ପରଖୁଥିଲେ ମଧ୍ୟ ଗତ କିଛି ଦିନ ଧରି କୌଣସି ଅଗ୍ରଗତି ନ ହେବାରୁ ନିରାଶ ହୋଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଜିମ୍ଟି ଚାଲୁ ହେଲେ କେବଳ ଶାରୀରିକ ସୁସ୍ଥତା ନୁହେଁ, ଯୁବପିଢ଼ୀଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ ଓ କ୍ରୀଡ଼ାମନୋଭାବର ମଧ୍ୟ ବିକାଶ ହେବ।ଏମଭି-୭୯ ଏବଂ ତାଣ୍ଡାବାଇ ପଞ୍ଚାୟତର ଜନସାଧାରଣ ବ୍ଲକ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି ଯେ, ପ୍ରକଳ୍ପଟିକୁ ଆଉ ଶିଥିଳ ନ ରଖି ଶୀଘ୍ର ବାକି କାମ ସମାପ୍ତ କରାଯାଉ। ବିଦ୍ୟୁ ସଂଯୋଗ ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରି ଜିମ୍ ଉପକରଣ ସ୍ଥାପନ କରାଯାଇ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଗଲେ ଅଞ୍ଚଳର ଶହ ଶହ ଯୁବକ-ଯୁବତୀ ଉପକୃତ ହେବେ।ସ୍ଥାନୀୟ ଯୁବମାନଙ୍କ ମତରେ, ଦୀର୍ଘଦିନର ଦାବି ପରେ ଜିମ୍ ପ୍ରକଳ୍ପ ଆରମ୍ଭ ହୋଇଥିଲା। ବର୍ତ୍ତମାନ କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହାକୁ ଅଧାରେ ଛାଡ଼ି ଦିଆଯିବା ଠିକ୍ ନୁହେଁ।ପ୍ରଶାସନ ଶୀଘ୍ର ପଦକ୍ଷେପ ନେଇ ଜିମ୍ଟିକୁ ଲୋକାର୍ପଣ କରନ୍ତୁ, ଯାହାଦ୍ୱାରା ଯୁବପିଢ଼ୀଙ୍କ ଉତ୍ସାହ ବଜାୟ ରହିବ। ଅଞ୍ଚଳରେ ଏକାଧିକ ଶିକ୍ଷାନୁଷ୍ଠାନ ଥିବାରୁ ଏହି ଜିମ୍ କେନ୍ଦ୍ର ଏମଭି-୭୯ ସମେତ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁବିଧାରେ ପରିଣତ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବର୍ତ୍ତମାନ ସମସ୍ତଙ୍କ ନଜର ବ୍ଲକ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ପାରଳା ପୋଲିସ ଦ୍ୱାରା ବେଆଇନ ଦେଶୀ ମଦ ତିଆରି କେନ୍ଦ୍ରରେ ଚଡଉ, ବ୍ୟାପକ ମଦ ଓ ପୋଚ ଜବତ



ପାରଳାଖେମୁଣ୍ଡି,(ମହାଭାରତ): ଗଜପତି ଜିଲ୍ଲା ଏସପି ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ଜିଲ୍ଲାରେ ଆଇନ ଶୃଙ୍ଖଳା ପ୍ରତିଷ୍ଠା ପାଇଁ ଚୋରା ମଦ କାରବାର ବିରୁଦ୍ଧରେ ଚଡ଼ଉ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ପୋଲିସ ଆଜି ଭୋର ପ୍ରାୟ ୫ଟା ସମୟରେ ସିଙ୍ଗିପୁର ଗ୍ରାମରେ ଚଢ଼ାଉ କରି ବେଆଇନ ମଦ ତିଆରି କେନ୍ଦ୍ରକୁ ଠାବ କରି ବ୍ୟାପକ ମହୁଲ ପୋଚ, ଦେଶୀ ମଦ ଓ ମଦ ତିଆରି ସରଞ୍ଜାମ ଆଦିକୁ ଜବତ କରିଥିବା ସୂଚନା ମିଳିଛି । ଏହି ଚଡଉ ସମୟରେ ପୋଲିସକୁ ଦେଖି ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଚଢ଼ାଉ ସମୟରେ ପ୍ରାୟ ୧୦୦ ଲିଟର ବେଆଇନ ଦେଶୀ ରନ୍ଧା ମଦ, ଏହାର ପ୍ରସ୍ତୁତିରେ ବ୍ୟବହୃତ କଣ୍ଡେନସର ପାଇପ, ଫନେଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା । ଏହାସହ ପ୍ରାୟ ୬୦୦ ଲିଟର ମହୁଲ ପୋଚକୁ ଘଟଣାସ୍ଥଳରେ ଜବତ କରାଯାଇ ନଷ୍ଟ କରାଯାଇଥିଲା । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅତ୍ୟନ୍ତ ଅପରିଷ୍କାର ପରିବେଶରେ ଦୂଷିତ ପାଣି ଓ ଅନ୍ୟାନ୍ୟ କ୍ଷତିକାରକ ପଦାର୍ଥ ମିଶାଇ ଏହି ମଦ ପ୍ରସ୍ତୁତ କରାଯାଉଥିଲା । ଯାହା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦ ସୃଷ୍ଟି କରିବୟ ତଦନ୍ତରୁ ଜଣାପଡ଼ିଛି ଯେ, ସିଙ୍ଗିପୁର ଗ୍ରାମର କେତେକ ବ୍ୟକ୍ତି ସଙ୍ଗଠିତ ଭାବରେ ଏହି ବେଆଇନ ଦେଶୀ ମଦ ପ୍ରସ୍ତୁତ କରି ପାରଳାଖେମୁଣ୍ଡି ସହର ଓ ଆଖପାଖ ଗ୍ରାମାଞ୍ଚଳକୁ ବହୁବର୍ଷ ହେବ ଯୋଗାଣ କରୁଥିଲେ । ଏହି ଘଟଣାରେ ପାରଳାଖେମୁଣ୍ଡି ଥାନା କେସ ନଂ. ୨୬୦/୨୦୨୬ରେ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ପାରଳାଖେମୁଣ୍ଡି ଆଇଆଇସି ପ୍ରଶାନ୍ତ କୁମାର ଭୂପତି ସୂଚନା ପ୍ରଦାନ କରିଛନ୍ତି ।

## ମାନଝରି ଗ୍ରାମ ପଞ୍ଚାୟତରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଉଦଯାପିତ

ଗୋଲାମୁଣ୍ଡା, ୨୮।୬ : ଇନଫୋ ନ୍ୟୁଜ ଇଣ୍ଡିଆ: ରାଜ୍ୟ ସରକାରଙ୍କ ଶାସନର ୨ ବର୍ଷ ତଥା କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଓଡ଼ିଶାରେ ବିକାଶ ଧାରା ଓଡ଼ିଶା ସାରା କାର୍ଯକ୍ରମ ମାନ ଅନୁଷ୍ଠିତ ହେଉଛି ।ଏହି ଅବସରରେ ଗୋଲାମୁଣ୍ଡା ବ୍ଲକ୍ ମାନଝରି ଗ୍ରାମ ପଞ୍ଚାୟତ ପରିସରରେ ଏହି କାର୍ଯ୍ୟକ୍ରମ ମହା ଆଡ଼ମ୍ବରରେ ଉଦଯାପିତ ହୋଇଯାଇଛି ।ସରପଞ୍ଚ ଜଗୁଜିବନ ଅଗ୍ରିଆ ଙ୍କ ସଭାପତିତ୍ୟ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବିଜେପି ମଣ୍ଡଳ ସଭାପତି ବୈଶାଖୁ କେତକୀ ଏବଂ ସମ୍ମାନୀତ ଅତିଥି ଭାବରେ ନାଇବ ସରପଞ୍ଚ ପ୍ରତିନିଧି ରାଜିନ ଭାଟି, ସାମ୍ବାଦିକ ପଙ୍କଜ ସାହୁ, ସି ଏଚ ଓ ଶରତ କୁମାର ନାୟକ, ବି ପି ସି ରାଜେନ୍ଦ୍ର ମଝିଆ ସେଠ,ପି ଇ ଓ ପ୍ରଶାନ୍ତ ନାଏକ,ଓ ଏଲ୍ ଏମ ଯଦୁନନ୍ଦନ୍ ମେହେର ପ୍ରମୁଖ ମଞ୍ଚାସିନ ଥିଲେ। ସରକାରଙ୍କ ଜନହିତ୍ୟେଶି ଯୋଜନା ଯଥା:- ବିକଶିତ ଗାଁ ବିକଶିତ ଓଡ଼ିଶା ,ଅଉପୂର୍ଣ୍ଣା ଯୋଜନା,ସୁଭଦ୍ରା ଯୋଜନା, କିଶାନ୍ କଲ୍ୟାଣ ଯୋଜନା,ପି ଏମ ସୂର୍ଯ୍ୟ ଘର ଯୋଜନା, ପି ଏମ ବିଶ୍ୱକର୍ମା ଯୋଜନା ଉପରେ ସଚେତନ କରାଯାଇଥିଲା ।

## ରାମଚନ୍ଦ୍ର ମିଶ୍ରଙ୍କ ୩୪ତମ ଶ୍ରାଦ୍ଧ ବାର୍ଷିକ ପାଳିତ

ଦଶପଲ୍ଲା,(ମହାଭାରତ):ଇନଫୋ ନ୍ୟୁଜ ଇଣ୍ଡିଆ : ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ତହସିଲ ଅଫିସ ସମ୍ମୁଖରେ ଥିବା ସ୍ୱର୍ଗତ ରାମଚନ୍ଦ୍ର ମିଶ୍ର ଙ୍କ ୩୨ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ହୋଇଅଛି । ଦଶପଲ୍ଲା ର ଆରାଧ ଦେବ ଶ୍ରୀ ଶ୍ରୀ ମହାବୀର ଙ୍କ ପୀଠରେ ରାମନାଟକ ତଥା ରାବଣପୋଡି ନାଟକ ପ୍ରତି ବର୍ଷ ପାଳିତ ହୋଇଥାଏ । ମହାବୀର କ୍ଷେତ୍ର ନାମରେ ପରିଚିତ ଦଶପଲ୍ଲା ମାଟିରେ ଅନେକ ବରିଷ୍ଠ ନାଟ୍ୟକାର, ସାହିତ୍ୟିକ, ଗାଳ୍ପିକ ଆଦି ବିଭିନ୍ନ ବର୍ଗ ର ବୁଦ୍ଧିଜୀବୀ ଏଇ ମାଟିରେ ଜନ୍ମିତ ଓ ଦଶପଲ୍ଲା ମାଟି ପାଇଁ ନିଜର ଛାପ ଛାଡିଯାଇଛନ୍ତି । ସେମାନଙ୍କ ମଧ୍ୟରୁ ସ୍ୱର୍ଗତ ରାମଚନ୍ଦ୍ର ମିଶ୍ର ଅନ୍ୟତମ । ଆଜି ତାଙ୍କର ୩୪ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଏନ ଏ ସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ,ବରିଷ୍ଠ ଓକିଲ ସୁଶାନ୍ତ ପାତ୍ର,ବରିଷ୍ଠ ଓକିଲ ଶରତ କୁମାର ବେହେରା ଉପସ୍ଥିତ ରହି ସ୍ୱର୍ଗତ ରାମଚନ୍ଦ୍ର ମିଶ୍ର ଙ୍କ ଗୁଣଗାନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ୨୦୨୬-୨୭ ବର୍ଷ ନୃସିଂହ ନାରାୟଣ ସରକାରୀ ଉପ୍ରା ବିଦ୍ୟାଳୟ ଫତେପୁର ପୋଷାକ ବିତରଣୀ ଉତ୍ସବ



ଧାମନଗର (ମହାଭାରତ) ଧାମନଗର ବ୍ଲକ ଅନ୍ତର୍ଗତ ନୃସିଂହନାରାୟଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଫତେପୁରରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ, ମହାପ୍ରଭୁ ଶ୍ରୀ ଜଗତର ନାଥ ଜଗନ୍ନାଥଙ୍କ ପାଖରେ, ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସଭାପତିଙ୍କ ଦ୍ୱାରା ଦୀପ ପ୍ରଜଳନ ହୋଇଥିଲା । ସଭାପତି- ଶ୍ରୀମତି ତୁଳସୀ ମଞ୍ଜୁରୀ ନାୟକ, ମୁଖ୍ୟ ଅତିଥି, ସହମଣ୍ଡଳ ଶିକ୍ଷା ଅଧିକାରୀ ସତ୍ୟସୁନ୍ଦର ପରିଡା, ମୁଖ୍ୟ ବକ୍ତା ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ଲକ୍ଷ୍ମୀକାନ୍ତ ଦାସ,ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସୁରେଶ ପରିଡ଼ାଅତିଥି ପରିଚୟ ପ୍ରଦାନ ଓ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପୀତବାସ ଜେନା ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ସନ୍ଧ୍ୟା ରାଣୀ ପ୍ରଧାନ ପୋଷାକ ବିତରଣୀ ପର୍ବରେ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଦୀପକ କୁମାର ମଲ୍ଲିକ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୟାଗଡ଼ ଜେଲ୍ ହସ୍ପିଟାଲ୍‌ରେ ବିଚିତ୍ର ବ୍ୟବସ୍ଥା

# ରୋଗୀସେବାରେ ଅବହେଳା, ମନଇଚ୍ଛା ଆସୁଛନ୍ତି ଡାକ୍ତର

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ଜେଲରେ ସାଂଘାତିକ ସ୍ଥିତି । ଜେଲର ଉଚ୍ଚା ପାଚେରି ମଧ୍ୟରେ ସବୁକିଛି ଠିକ୍ ଚାଲୁଥିବା ଜଣାପଡୁଥିଲେ ମଧ୍ୟ ବାସ୍ତବରେ ଏଠାରେ ବହୁ ବେଆଇନ କାର୍ଯ୍ୟ ଚାଲୁଥିବା ନେଇ ଅଭିଯୋଗ ହୋଇଛି । ବିଶେଷ କରି ଜେଲ୍ ମଧ୍ୟରେ କଏଦୀଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା କୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଠାରେ ଥିବା ହସ୍ପିଟାଲ୍ କୁ ଡାକ୍ତର ନିୟମିତ ଆସୁ ନଥିବା ଅଭିଯୋଗ ହେଉଛି । ଏଣୁ ଜେଲରେ ଥିବା ଫାର୍ମାସିଷ୍ଟ ଜଣକ ତାଙ୍କ ଦାୟିତ୍ୱ ନିର୍ବାହ କରୁଛନ୍ତି । ମାତ୍ର ସଜା ଭୋଗୁଥିବା ଜଣେ କଏଦୀ ସମସ୍ତଙ୍କୁ ଔଷଧ ପ୍ରଦାନ କରୁଛନ୍ତି । ଫାର୍ମାସିଷ୍ଟ ଛୁଟିରେ ଗଲେ, ଏହି କଏଦୀଙ୍କ କାନ୍ଧରେ ସମ୍ପୂର୍ଣ୍ଣ ବ୍ୟବସ୍ଥା ରହୁଛି । ମିଳିଥିବା ସୂଚନା ମୁତାବକ, ଜେଲ ମଧ୍ୟରେ ଥିବା ହସ୍ପିଟାଲ୍ ରେ ଖୋର୍ଦ୍ଧା ରୁ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି । ଉକ୍ତ ଡାକ୍ତର ଜଣକ ସପ୍ତାହକ ରେ ମାତ୍ର ଦୁଇରୁ ତିନିଦିନ ଆସୁଛନ୍ତି । ସେ ପୁଣି କେତେବେଳେ ଆସନ୍ତି ଓ କେତେବେଳେ ଯାଆନ୍ତି, ତାହା କେହି ଜାଣିପାରନ୍ତି ନାହିଁ । ମାସ ମାସ ଧରି ଜେଲରେ ଏହି ବ୍ୟବସ୍ଥା ଚାଲୁଥିଲେ ମଧ୍ୟ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କେହି ବି ପାଟି ଖୋଲୁ ନାହାନ୍ତି । ତାଙ୍କ ଅନୁପସ୍ଥିତିରେ ଜେଲରେ ଥିବା ଫାର୍ମାସିଷ୍ଟ ରୋଗୀ ସେବା ଚଳାଇଛନ୍ତି । ଏହି ସମୟରେ ଜେଲ୍ରେ ସଜା ଭୋଗୁଥିବା ଦୁଇ ଜଣ କଏଦୀ ଉକ୍ତ ହସ୍ପିଟାଲ୍ ରେ ଆଡ଼ା ଜମାଉଥିବା ଜଣାପଡ଼ିଛି । ପୂର୍ବରୁ ହତ୍ୟା ମାମଲାରେ ସଜା ଭୋଗୁଥିବା ଜଣେ କଏଦୀ ରୋଗୀଙ୍କୁ ଔଷଧ ପ୍ରଦାନ କରୁଥିଲେ । ବର୍ତ୍ତମାନ ଏହି କଏଦୀ ଜଣକ ପାରୋଲରେ ଯାଇଥିବା ବେଳେ ଜଣେ ନାବାଳିକା ଦୁଷ୍କର୍ମକାରୀ ତାଙ୍କ ସ୍ଥାନ ନେଇଛନ୍ତି । କୌଣସି ଅନ୍ତେବାସୀ ଅସୁସ୍ଥ ହେଲେ ଏହି କଏଦୀ ଏବେ ତାଙ୍କୁ ଔଷଧ ପ୍ରଦାନ କରୁଛନ୍ତି । ସମସ୍ତ ଅନ୍ତେବସୀ ମଧ୍ୟ ଏହି କଏଦୀଙ୍କୁ ଯୋଗାଯୋଗ କରି ଔଷଧ ନେଉଥିବା ଜଣାପଡ଼ିଛି । ଜେଲ୍ ଭିତରେ ଥିବା ହସ୍ପିଟାଲ୍ ରେ ବସି ବସି ଏହି କଏଦୀ ମାନେ ଯେତିକି ଅଭିଜ୍ଞତା ହାସଲ କରିଛନ୍ତି, ସେହି ହିସାବରେ ଔଷଧ ପ୍ରଦାନ କରୁଛନ୍ତ । ମାତ୍ର ଏଥିରେ ଯଦି କୌଣସି ସମସ୍ୟା ହୁଏ ଓ କେହି କଏଦୀ ଗୁରୁତର ହୋଇପଡ଼ନ୍ତି, ତେବେ ଏଥିପାଇଁ ଦାୟୀ କିଏ ରହିବ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି । ଜେଲରେ ଉପରିସ୍ଥ ଅଧିକାରୀ ମାନେ ଏତେ ବଡ଼ ଏକ ଘଟଣାକୁ କେମିତି ପ୍ରଶୟ ଦେଉଛନ୍ତି, ଏହା ଏବେ ଚର୍ଚ୍ଚା ଓ ଆଲୋଚନାର ପ୍ରସଙ୍ଗ ପାଲଟିଛି । ଅନ୍ୟପଟେ ଏହି ଅଭିଯୋଗକୁ ଜେଲ୍ ଅଧୀକ୍ଷକ ବାବୁଲି ବାରିକ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛନ୍ତି । ତାଙ୍କ କହିବା ମୁତାବକ, ଜେଲରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି । ଏହାସହ ତାଙ୍କୁ ସହଯୋଗ କରିବା ପାଇଁ ଜଣେ ଫାର୍ମାସିଷ୍ଟ ଓ ଆଟେଣ୍ଡା□ଙ୍କୁ ନିଯୁକ୍ତି ଦିଆଯାଇଛି । ଏଣୁ ଯେଉଁମାନେ କଏଦୀ ଔଷଧ ପ୍ରଦାନ କରୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି, ଏଥିରେ କୌଣସି ସତ୍ୟତା ନାହିଁ ।

## ଗଜପତିରେ ନୂତନ ଅପରାଧିକ ଆଇନକୁ ନେଇ ଦୁଇଦିନିଆ ତାଲିମ ଶିବିର ଉଦଘାଟିତ




ପାରଳାଖେମୁଣ୍ଡି, (ମହାଭାରତ):ଇନଫୋ ନ୍ୟୁଜ ଇଣ୍ଡିଆ: ଓଡିଶା ସରକାରଙ୍କ ଆଇନ ବିଭାଗ ତଥା ଗୃହ ବିଭାଗ ଅଧିନ ସାଧାରଣ ଅଭିଯୋଜନ ନିର୍ଦ୍ଦେଶାଳୟ ସହଯୋଗରେ ଆଜି ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗଜପତି ଜିଲ୍ଲା ନ୍ୟାୟାଳୟର ଜିଲ୍ଲା ଦୌରାଜଜ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଗଜପତି ଜିଲ୍ଲାର ନନ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟରଙ୍କ ପାଇଁ ଏକ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଭାରତୀୟ ନ୍ୟାୟ ସଂହିତାରେ ଆସିଥିବା ବିଭିନ୍ନ ନୂତନ ଆଇନ, ସଂଶୋଧନ ଓ ଏହାର ପ୍ରଭାବ ତଥା ପୁରୁଣା ଓ ନୂଆ ଅପରାଧିକ ଆଇନ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ, ଫରେନସିକ ପ୍ରମାଣକୁ ନେଇ କିପରି ଅଦାଲତ ସମ୍ମୁଖରେ ପ୍ରସ୍ତୁତ କରାଯିବ ସେ ନେଇ ଆଜିର କର୍ମଶାଳାରେ ଆଲୋଚନା କରାଯାଇଥିଲା । ଏହି କ୍ରମରେ ଆଜି ସର୍ବପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଗୌରହରି କରସୁଧା ପଟ୍ଟନାୟକଙ୍କ ସଂଯୋଜନାରେ ସ୍ଥାନୀୟ ଅରବିନ୍ଦ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାୟନ କରାଯାଇଥିଲା । ପରେ ମାନ୍ୟବର ଜିଲ୍ଲା ଜଜ ଶ୍ରୀ ମହାନ୍ତି ଗରିବ ଲୋକ କିପରି ତ୍ୱରିତ ନ୍ୟାୟ ପାଇପାରିବ ସେ ନେଇ ସମସ୍ତ ପ୍ରସିକ୍ୟୁଟରଙ୍କୁ ସେଥି ନିମନ୍ତେ ବିଶେଷ ଧ୍ୟାନ ଦେବାକୁ କହିଥିଲେ । ପରେ ଅନ୍ୟତମ ଅତିଥି ତଥା ଏସ.ପି. ପ୍ରହଲ୍ଲାଦ ସହାଇ ମୀନା ସମସ୍ତ ପ୍ରସିକ୍ୟୁଟରଙ୍କୁ ସେମାନଙ୍କର କାର୍ଯ୍ୟଦକ୍ଷତା ପାଇଁ ପ୍ରଶଂସା କରିବା ସହ ପୂର୍ବାପେକ୍ଷା ଆହୁରି ପ୍ରତିବଦ୍ଧ ହୋଇ କାମ କରି ଲୋକଙ୍କ ନିକଟବର୍ତ୍ତୀ ହେବା ନ ି ମ େ ନ୍ତ କହିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଆଜିର ଏହି କାର୍ଯ୍ୟକ୍ରମରେ ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ଫାଲ୍ଗୁନି ମାଝି, ଜିଲ୍ଲା ଅଭିଯୋଜନ ଉପନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ପୂର୍ବତନ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେନ୍ଦ୍ର ପ୍ରସାଦ ସାହୁ, ଅଭିଯୋଜନ ବିଭାଗର ସହାୟକ ନିର୍ଦ୍ଦେଶକ ଡ଼ି. ଅନୁପରାଜ ଆଚାରି, ପାରଳାଖେମୁଣ୍ଡି ଏସ୍ଡିପିଓ ମାଧବାନନ୍ଦ ନାୟକ ପ୍ରମୁଖ ଯୋଗଦେଇଥିଲେ ଓ ନିଜ ନିଜର ଅଭିଜ୍ଞତା ବିଷୟରେ ଉପସ୍ଥିତ ପ୍ରସିକ୍ୟୁଟରମାନଙ୍କୁ ଜଣାଇଥିଲେ । ଏହି କ୍ରମରେ ଅଭିଯୋଜନ ବିଭାଗର ଅନୁରୋଧ କ୍ରମେ ବରିଷ୍ଠ ଅଧିବକ୍ତା ହୀରା ଚାନ୍ଦ ତଥା ପାରଳାଖେମୁଣ୍ଡି ଡାକ୍ତରଖାନାର ଡ଼ଃ ଶାନ୍ତନୁ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମରେ ବୈଷୟିକ ଜ୍ଞାନ ଭିତ୍ତିକ ନୂତନ ଆଇନ ଓ ମେଡ଼ିକାଲ ପ୍ରମାଣ ଉପରେ ନିଜର ଅଭିଜ୍ଞତା ସମସ୍ତଙ୍କୁ ଅବଗତ କରାଇଥିଲେ । ସର୍ବଶେଷରେ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଏହି କାର୍ଯ୍ୟକ୍ରମର ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ନନ କ୍ୟାଡର ପ୍ରସିକ୍ୟୁଟରମାନେ ଯୋଗଦେଇଥିଲେ ।

## ଶିକ୍ଷକଙ୍କୁ ଆକ୍ରମଣ, ୪ ଅଭିଯୁକ୍ତ କୋର୍ଟ ଚାଲାଣ

ଅସ୍ତରଙ୍ଗ( ମହାଭାରତ): ଅସ୍ତରଙ୍ଗ ଥାନା ଅନ୍ତର୍ଗତ ସରିପୁର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଅକ୍ଷୟ କୁମାର ବିଶ୍ୱାଳଙ୍କୁ କେତେକ ଆସାମାଜିକ ବ୍ୟକ୍ତି ସ୍କୁଲ ଭିତରେ ପଶି ଆକ୍ରମଣ କରିବା ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ୪ ଜଣକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିବା ସମ୍ପର୍କରେ ଏକ ପ୍ରେସ୍ ବିଜ୍ଞପ୍ତି ଜାରିକରି ସୂଚନା ଦେଇଛି ସେମାନେ ହେଲେ ବିଜୟ କୁମାର ବିଶ୍ୱାଳ,ମଧୁସ୍ମିତା ବିଶ୍ୱାଳ, ବିପି ବିଶ୍ୱାଳ ଓ ନନ୍ଦ ସ୍ୱାଇଁ ସୂଚନାନୁସାରେ ଗୁରୁବାର ଦିନ ବିଦ୍ୟାଳୟରେ ମିଟିଂ ଥିଲା ଏପଟେ ଶିକ୍ଷକ ଜଣକ ପାଠ ପଢ଼ାଇବା ଓ ମିଟିଂ ଶେଷ ବେଳକୁ ଏକ କାରରେ ସମ୍ପୃକ୍ତ ଅଭିଯୁକ୍ତମାନେ ଆସି ସ୍କୁଲ ଭିତରେ ହଠାତ ପ୍ରବେଶ କରି ଶିକ୍ଷକ ଅକ୍ଷୟକୁ ଅଚାନକ ଆକ୍ରମଣ କରିଥିଲେ ଆକ୍ରମଣ ବେଳେ ଗାଡିରୁ କଟୁରୀ, ଚପଡ଼ ବ୍ୟବହାର କରି ଜୀବନରେ ମାରିଦେବାକୁ ଧମକ ଦେବା, ତଳେ ପକାଇ ବିଧା,ଗୋଇଠା ମାଡ଼ ମାରିବା ଦ୍ୱାରା ଶିକ୍ଷକଙ୍କ ମୁଣ୍ଡ, ପେଟ ଓ ହାତରେ ଆଘାତ ଲାଗିଥିଲା ଘଟଣା ଦେଖି ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ପାଟି କରିବାରୁ ଦୁର୍ବୃ□ ମାନେ ସାଙ୍ଗରେ ଆଣିଥିବା କାରରେ ଖସି ପଳାଇଥିଲେ ଖବର ପାଇଁ ଆହତ ଶିକ୍ଷକଙ୍କ ସ୍ତ୍ରୀ କାମେନି ବିଶ୍ୱାଳ ଘଟଣା ସ୍ଥଳରେ ପହଞ୍ଚିବା ଓ ମୁମୂର୍ଷୁ ଅବସ୍ଥାରେ ସ୍ୱାମୀକୁ ଉଦ୍ଧାର କରି ଚିକିତ୍ସା ପାଇଁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ଚିକିତ୍ସା ପରେ ସମସ୍ତ ଘଟଣା ବିଷୟରେ କାମେନି ବିଶ୍ୱାଳ ଅସ୍ତରଙ୍ଗ ଥାନାରେ ଅଭିଯୋଗ ପରେ ପୁଲିସ୍ ତଦନ୍ତ ଆରମ୍ଭ କରି ଗତକାଲି ୩ ଜଣକୁ ଅଟକ ରଖି ଘଟଣାରେ ସମ୍ପୃକ୍ତ ବିପି ବିଶ୍ୱାଳକୁ ଖୋଜୁଥିଲା କିନ୍ତୁ ଏହି ବ୍ୟକ୍ତି ଜଣକ ସରିପୁର ଠାରୁ ଦୂରରେ ଥିବା ରାଇବେରୁଆଁର ଏକ ଜଙ୍ଗଲିଆ ଜାଗାରେ ଥିବା ଏକ ତାଳଗଛରେ ଚିଯାଇ ଲୁଚିବା ଜଣାପଡିଥିଲା ଏ ଖବର ପାଇ ସେଠାରେ ପୁଲିସ୍ ପହଞ୍ଚି ତାକୁ ଧରିବାକୁ ବହୁ ଚେଷ୍ଟା କରିଥିଲା ଅଗ୍ନିଶମ ବିଭାଗ ଆସି ତଳେ ଜାଲ ବିଛାଇ ଉଦ୍ଧାର କରିବାକୁ ଯେତେ ଚେଷ୍ଟା କଲେ ଅଭିଯୁକ୍ତ ଜଣକ ଲୁଚକାଳି ଖେଳ ଖେଳି ମାଙ୍କଡ଼ ପରି ଏ ଡାଳରୁ ସେ ଡାଳକୁ ଡେଇଁବାରେ ଦିନସାରା ଏକ ହାଇଡ୍ରାମା ଦେଖିବାକୁ ମିଳିଥିଲା ସ୍ଥାନୀୟ ଅଂଚଳରେ ଏହି ଦୃଶ୍ୟ ଦେଖିବାକୁ ଲୋକାରଣ୍ୟ ହୋଇଯାଇଥିଲା ସମସ୍ତେ ନିରୁପାୟ ଫେରିଥିଲେ ଯାହାର ସୂଯୋଗ ନେଇ ଅଭିଯୁକ୍ତ ଗଛରୁ ଓହ୍ଲାଇବା ବେଳେ ଲୁଚି ରହିଥିବା ପୁଲିସ୍ କୌଶଳ କ୍ରମେ ତାକୁ ଧରି ଥାନାକୁ ଆଣିଥିଲେ ।

## ଜାତି ଆଧାର କରି ଗ୍ରାମବାସୀ ନିଯୁକ୍ତିକୁ ବିରୋଧ



ବଲାଙ୍ଗୀର(ମହାଭାରତ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଘୁସରାମୁଣ୍ଡା ଗ୍ରାମରେ ଏକ ଅତ୍ୟନ୍ତ ଦୁଃଖଦ ଓ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ଜଣେ ଅନୁସୂଚିତ ଜାତି ମହିଳା ଅଙ୍ଗନବାଡ଼ି ସହାୟିକା ପଦବୀ ପାଇଁ ଆବେଦନ କରିଥିଲେ ଏବଂ ନିୟମାନୁସାରେ ଚୟନିତ ହୋଇଥିଲେ । ସେ ଶିକ୍ଷିତ, ଯୋଗ୍ୟ ଓ ପରିଶ୍ରମୀ ହୋଇଥିଲେ ମଧ୍ୟ ଉପଯୁକ୍ତ ଚାକିରି ସୁଯୋଗର ଅଭାବ ହେତୁ ଏହି କାର୍ଯ୍ୟକୁ ସମ୍ମାନର ସହିତ ଗ୍ରହଣ କରିଥିଲେ, ଯାହାଦ୍ୱାରା ସେ ନିଜ ପରିବାରକୁ ସହାୟତା କରିବା ସହ ସମାଜର ସେବା କରିପାରିବେ ।କିନ୍ତୁ ଦୁଃଖର ବିଷୟ, ଗ୍ରାମର କିଛି ଲୋକ କେବଳ ତାଙ୍କର ଜାତିକୁ ଆଧାର କରି ତାଙ୍କ ନିଯୁକ୍ତିକୁ ବିରୋଧ କରୁଛନ୍ତି । ସେମାନେ କହୁଛନ୍ତି ଯେ, ଯଦି ସେ ପିଲାମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବେ, ତେବେ ସେମାନେ ନିଜ ପିଲାମାନଙ୍କୁ ସେହି ଖାଦ୍ୟ ଖାଇବାକୁ ଦେବେ ନାହିଁ । କେତେକ ଲୋକ ଏପରିକି କହିଛନ୍ତି ଯେ, ଜଣେ ଝଉ ମହିଳାଙ୍କ ହାତରେ ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରିବାଠାରୁ ସେମାନେ ନିଜ ପିଲାମାନଙ୍କୁ ପୋଷଣ ଓ ଶିକ୍ଷାରୁ ବଞ୍ଚିତ ରଖିବାକୁ ପସନ୍ଦ କରିବେ ।ଏହି ଘଟଣା କେବଳ ଜଣେ ମହିଳାଙ୍କ ପ୍ରତି ଅପମାନ ନୁହେଁ, ବରଂ ସମାନତା, ମର୍ଯ୍ୟାଦା ଓ ମାନବିକତାର ମୂଲ୍ୟବୋଧ ଉପରେ ଏକ ଆଘାତ। ଜଣେ ଶିକ୍ଷିତ ଓ ଯୋଗ୍ୟ ମହିଳାଙ୍କୁ ତାଙ୍କର କ୍ଷମତା କିମ୍ବା ଚରିତ୍ର ଆଧାରରେ ନୁହେଁ, ବରଂ ତାଙ୍କର ଜାତି ଆଧାରରେ ବିଚାର କରାଯାଉଛି । ଏହା କେବଳ ତାଙ୍କର ମାନସିକ କଷ୍ଟର କାରଣ ନୁହେଁ, ବରଂ ସମାଜରେ ଏପର୍ଯ୍ୟନ୍ତ ବଞ୍ଚି ରହିଥିବା ଜାତିଗତ ଭେଦଭାବର ଏକ ଦୁଃଖଦ ଉଦାହରଣ । ଆମେ ଭାବିବା ଉଚିତ ଯେ, ଯଦି ଆମେ ପିଲାମାନଙ୍କୁ ଜାତି ଆଧାରରେ ମଣିଷଙ୍କୁ ବିଚାର କରିବା ଶିଖାଉଛୁ, ତେବେ ଆମେ ସେମାନଙ୍କୁ କେଉଁ ପ୍ରକାର ସମାଜ ଉପହାର ଦେଉଛୁ ? ଜଣେ ମଣିଷଙ୍କର ମୂଲ୍ୟ ତାଙ୍କର ଜାତିରେ ନୁହେଁ, ବରଂ ତାଙ୍କର ଚରିତ୍ର, ପରିଶ୍ରମ ଓ ଯୋଗ୍ୟତାରେ ନିର୍ଭର କରେ ।ଏହି ମହିଳା ଜଣେ ନାଗରିକ, ଜଣେ ଝିଅ, ଜଣେ କର୍ମଠ ବ୍ୟକ୍ତି ଏବଂ ସମ୍ମାନର ଅଧିକାରୀୟ ତାଙ୍କର ଶିକ୍ଷା, ପରିଶ୍ରମ ଓ ସମାଜ ସେବା ପ୍ରତି ଆଗ୍ରହକୁ ସମ୍ମାନ ଦିଆଯିବା ଉଚିତ, ଅବହେଳା ନୁହେଁ । ଏକ ପ୍ରଗତିଶୀଳ ସମାଜ ସେହିଠାରେ ଗଢ଼ିଉଠେ, ଯେଉଁଠାରେ ପ୍ରତ୍ୟେକ ମଣିଷଙ୍କୁ ସମାନ ମର୍ଯ୍ୟାଦା ଓ ସୁଯୋଗ ଦିଆଯାଏ, ଜାତି ଆଧାରରେ ନୁହେଁ ।

## ବଜ୍ରଘାତରେ ବଡ଼ଭାଇ ମୃତ, ସାନଭାଇ ଗୁରୁତର

ପାରଳାଖେମୁଣ୍ଡି, (ମହାଭାରତ): ଇନଫୋ ନ୍ୟୁଜ ଇଣ୍ଡିଆ: ଗଜପତି ଜିଲ୍ଲା ଆର୍ ଉଦୟଗିରି ଥାନା ଅନ୍ତର୍ଗତ ଅନୁଗୁର ପଞ୍ଚାୟତର କଟାମା ଗ୍ରାମରେ ବଜ୍ରଘାତରେ ବଡ଼ଭାଇର ମୃତ୍ୟୁ ଘଟିଥିବା ବେଳେ ସାନଭାଇ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ମୃତକ ହେଲେ ଜେରଦରଇତ (୩୦) । ଘଟଣାରୁ ଜଣାପଡ଼ିଛି ଯେ, ଜେରଦ ଏବଂ ତାଙ୍କ ସାନଭା ମାଜେଶ ରାସନ ଚାଉଳ ଆଣିବା ପାଇଁ ଗତକାଲି ଅପରାହ୍ଣରେ ନିଜ ଗ୍ରାମ କଟାମାରୁ ପ୍ରାୟ ୬ କିମି ଦୁରତାରେ ଥିବା ପଞ୍ଚାୟତ ସଦର ମହକୁମା ଅନୁଗୁରୁ ଯାଉଥିବା ସମୟରେ ହଠାତ କାଳବୈଶାଖୀଜନିତ ବର୍ଷା, ପବନ ଓ ବଜ୍ରାଘାତ ଘଟିଥିଲା । ଏହି ବଜ୍ରାଘାତ ଯୋଗୁଁ ଦୁଇ ଭାଇ ଗୁରୁତର ହୋଇ ଯାଇଥିଲେ । ଦୁଇ ଜଣଙ୍କୁ ଲୋକେ ତୁରନ୍ତ ଉଦ୍ଧାର କରି ଆର୍ ଉଦୟଗିରି ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ବଡ଼ ଭାଇ ଜେରଦଙ୍କୁ ମୃତ ଘୋଷଣା କରିଥିଲେ ସାନ ଭାଇ ମୋଜେଶ୍ ଗୁରୁତର ହୋଇପଡିଥିବା ଯୋଗୁଁ ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆ ଯାଇଥିବା ସୂଚନା ମିଳିଛି । ଆର. ଉଦୟଗିରି ଥାନା ପୋଲିସ ମୃତ ବଡ ଭାଇର ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବାର ଜଣାପଡିଛି ।

## ଗୋଲଘର ରାମେଶ୍ୱରପାଲିର ତୋଫାନ ବିନ୍ଧାଣୀ ହତ୍ୟା ଘଟଣା: ଆଉ ଜଣେ ଗିରଫ୍



ରାଉରକେଲା (ମହାଭାରତ): ଗତ ୨୦୨୬ ଜୁନ୍ ୧୬ ତାରିଖ ଦିନ ସନ୍ଧ୍ୟା ୪ଟା ୧୦ ସମୟରେ, ରାଉରକେଲା ସେକ୍ଟର-୭ ଥାନା ଅଧିନସ୍ଥ ସେକ୍ଟର-୫ ଗୋଲଘର ରାମେଶ୍ୱରପାଲିର ଅନୁରାଗ ବିଶ୍ୱାଳଙ୍କ ପତ୍ନୀ ଚନ୍ଦ୍ରିକା ବିଶ୍ୱାଳ (୩୦)ଙ୍କ ଲିଖିତ ଅଭିଯୋଗ ଅନୁସାରେ ପଞ୍ଜିକୃତ ହୋଇଥିଲା । ୨୦୨୬ ଜୁନ୍ ୧୯ ତାରିଖରେ ମାମଲାର ତଦନ୍ତ ସମୟରେ ରାଉରକେଲା ସେକ୍ଟର-୭ ଥାନା ଅଧିନସ୍ଥ ସେକ୍ଟର-୫ ଗୋଲଘର ତେଲୁଗୁ ବସ୍ତିର ଅଭିଯୁକ୍ତ ରୋହିତ ହରିପ୍ପା (୨୫), ପ୍ଲାଣ୍ଟ ସାଇଟ୍ ଥାନା ଅଧିନସ୍ଥ ଟିମ୍ବର୍ କଲୋନୀ ଏବଂ ବର୍ତ୍ତମାନ ସେକ୍ଟର-୩ ଥାନା ଅଧିନସ୍ଥ ସେକ୍ଟର-୨ ଡି/୦୧ରେ ରହୁଥିବା ଅଭିଯୁକ୍ତ ରୋହିତ ମୁଖୀ ଓରଫ୍ ସାନା (୩୨)ବର୍ଷ ଏବଂ ରାଉରକେଲା ସେକ୍ଟର-୭ ଥାନା ଅଧିନସ୍ଥ ଭିଏସ୍ଏସ୍ ପାଲ୍ଲିର ଜନସନ ନାଗ (୨୫)ଙ୍କୁ ୧୨୬(୨)/୧୦୩(୧)/୧୦୯(୧)/୧୧୮(୧)//୬୧(୨)/୩(୫) ବିଏନଏସ/ ୨୫/୨୭ ଆର୍ମସ ଆକ୍ଟ ଅନୁସାରେ ଗିରଫ କରାଯାଇଛି । ଅନ୍ୟ ଦୁଇ ଅଭିଯୁକ୍ତ ସୁଶାନ୍ତ ଓରଫ୍ ଲଣ୍ଡା ନାୟକ ଏବଂ ଚୁନୁ ଓରଫ୍ ନାରାୟଣ ହରିପ୍ପା ଏବେ ଆର.ଜି.ଏଚ୍. ରାଉରକେଲାରେ ପୋଲିସ ହେପାଜତରେ ଚିକିତ୍ସାଧୀନ ଅଛନ୍ତି । ଆର.ଜି.ଏଚ୍. ରାଉରକେଲାରୁ ଡିସଚାର୍ଜ ହେବା ପରେ, ସେମାନଙ୍କୁ କୋର୍ଟକୁ ପଠାଯିବ । ପୋଲିସ ପକ୍ଷରୁ ମାମଲାର ତଦନ୍ତ ଜାରି ରଖି, ଆଜି ଅର୍ଥାତ୍ ୨୦୨୬ ଜୁନ୍ ୨୭ ତାରିଖରେ ମାମଲାର ସହ-ଅଭିଯୁକ୍ତ ବିଶୁ ଓରଫ୍ ଉମାକାନ୍ତ ହରିପ୍ପାଙ୍କୁ ଗିରଫ କରାଯାଇଛି ଏବଂ ସେହି ଦିନ କୋର୍ଟରେ ହାଜର କରାଯାଇଛି । ଆଜି ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ରାଉରକେଲା ସେକ୍ଟର-୭ ଅଧିନସ୍ଥ ନାରାୟଣ ପାଲ୍ଲି (ଲଙ୍କାଗଡ଼)ର ବିଶୁ ଓରଫ୍ ଉମାକାନ୍ତ ହରିପ୍ପା (୩୫) । ତ ଅଭିଯୁକ୍ତ ବ୍ୟକ୍ତିଙ୍କ ପୂର୍ବର କେସ୍ ରେକର୍ଡ ଯାଞ୍ଚ କରାଯାଉଛି ବୋଲି ରାଉରକେଲା ସେକ୍ଟର-୭ ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

# ଲାଉ ପଲାଉ

ଲାଉ , ବାସୁମତୀ ଚାଉଳ, ତେଲ , ଲୁଣ , ଜିରା ତେଜପତ୍ର, ଡ଼ାଲଚିନି, ଜାଇଫଳ, ଗୋଲମରିଚ , ଗୁଜୁରାତି, ଗାଜର , ଗ୍ରୀନ ମଟର , କାଜୁବାଦାମ, କିସମିସ ଚିନି, ପୋଦିନା ପତ୍ର, ଧନିଆ ପତ୍ର, ଗରମ ମସଲା , କସ୍ତୁରୀ ମେଥି ଘିଅ ଓ ଲେମ୍ବୁରସ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଲାଉକୁ କୋରି ତାକୁ ଭଲ ଭାବେ ଚିପୁଡ଼ି ତା'ର ପାଣି ବାହାର କରି ଦିଅନ୍ତୁ। ଏହାପରେ ବାସୁମତୀ ଚାଉଳକୁ ଧୋଇ ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରି କୋରା ଲାଉକୁ ଭଲ ଭାବେ ଭାଜି ଦିଅନ୍ତୁ। ଏହା ପରେ ଆଉ ଥରେ କେଡ଼ଇରେ ତେଲ ଗରମ ଜିରା , ତେଜପତ୍ର, ଡ଼ାଲଚିନି , ଜାଇଫଳ, ଗୋଲମରିଚ , କଟା ଗାଜର , ଗ୍ରୀନ ମଟର , କାଜୁବାଦାମ ଓ କିସମିସ ପକାଇ ଭାଜନ୍ତୁ । ଏସବୁ ଭାଜି ହୋଇଯିବା ପରେ ବାସୁମତୀ ଚାଉଳ ପକାଇ ଭଲ ଭାବେ ଭାଜନ୍ତୁ। ଚାଉଳ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ ଲାଉରସ ଓ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ। ପାଣି ଫୁଟିବା ପରେ ଏଥିରେ ଭଜା ଲାଉ, ଅଳ୍ପ ଚିନି , ଲୁଣ , ପୋଦିନାପତ୍ର , କସ୍ତୁରୀ ମେଥି , ଘିଅ ଓ ଲେମ୍ବୁରସ ପକାଇ ଘୋଡ଼ାଇ ଦିଅନ୍ତୁ। ୧୦ ମିନିଟ ପରେ ଘୋଡ଼ଣୀ ବାହାର କରି ଧନିଆ ପତ୍ର ଓ ଗରମ ମସଲା ପକାଇ କଡ଼େଇକୁ ଚୁଲିରୁ ଓହ୍ଲାନ୍ତୁ। ବତର୍ମାନ ପ୍ରସ୍ତୁତ ହୋଇଗଲା 'ଲାଉ ପଲାଉ' ।



## ଖବର

# କୁମୁଡା ପାହାଡ଼ରେ ବିରାଜିତ ବାବା ଧବଳେଶ୍ୱର



ଟିଟିଲାଗଡ଼ ସହରର ଦକ୍ଷିଣ ଦିଗରେ ରହିଛି ଐତିହାସିକ କୁମୁଡା ପାହାଡ଼ । ଜନଶ୍ରୁତି ଅନୁସାରେ ଏହି କୁମୁଡା ପାହାଡ଼ ବଲାଙ୍ଗୀର ବା ପାଟଣା ରାଜ୍ୟର ଦୁର୍ଗ ଭଳି କାମ କରୁଥିଲା । ପ୍ରାୟ ଦୁଇଶହ ବର୍ଷ ପୂର୍ବେ ବଲାଙ୍ଗୀର ଓ କଳାହାଣ୍ଡି ସୀମାରେ ଥିବା ଏହି ପାହାଡ଼ ଅଞ୍ଚଳରେ କନ୍ଧ ଆଦିବାସୀମାନେ ଦେବୀପୂଜା କରି ବଳି ଦେଉଥିଲେ । ଏହି ବଳି ଯାତ୍ରା ଦେଖିବାକୁ ଆସିଥିବା ଅନ୍ତରାମ ପାଢ଼ୀ ନାମରେ ଜଣେ ବ୍ରାହ୍ମଣ ପାହାଡ଼ର ଗୁମ୍ଫାରେ ଶିବଲିଙ୍ଗକୁ ଆବିଷ୍କାର କରିଥିଲେ । ସେହି ଦିନ ଠାରୁ ତାଙ୍କ ବଂଶଧରମାନେ ଏହି ଶିବଲିଙ୍ଗକୁ ପୂଜା କରି ଆସୁଛନ୍ତି ।ଯିଏ ବାବା ଧବଳେଶ୍ୱର ଭାବେ ବିରାଜିତ। ଧବଳେଶ୍ୱର ମନ୍ଦିରକୁ ଯାଇ ପୂଜା କରିବା ଶ୍ରଦ୍ଧାଳୁଙ୍କ ପାଇଁ ସେତେ ସହଜ ନ ଥିଲା । ଗୁମ୍ଫା ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଥିଲା । ପରେ ଜଣେ ଶିଳ୍ପପତି ପାହାଡ଼କୁ ଖୋଦେଇ କରି ଛିଡା ହୋଇ ଯିବା ଆସିବା ପାଇଁ ସୁବିଧା କରିଥିଲେ ।ଆଜି ବି ମନ୍ଦିର ଭିତରେ ଅନେକ ଅନାବିସ୍କୃତ ଗୁମ୍ଫା ଦେଖିବାକୁ ମିଳେ । ବର୍ତ୍ତମାନ କିନ୍ତୁ ମନ୍ଦିରର ଅନେକ ପରିବର୍ତ୍ତନ ଆସିଲାଣି । ପ୍ରତ□ ବିଭାଗ ମଧ୍ୟ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଇଛି । ବାବାଙ୍କ ପୀଠରେ ମହା ଶିବରାତ୍ରି ମେଳା ବେଶ ପ୍ରସିଦ୍ଧ ।୮ ଦିନ ଧରି ଚାଲୁଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମେ ।ଶ୍ରାବଣ ସୋମବାରରେ ମଧ୍ୟ କାଉଡିଆ ଓ ଶ୍ରଦ୍ଧାଳୁମାନଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳେ ।ୟ ବାବାଙ୍କୁ ଭସ୍ମ ଆରତୀ ମଧ୍ୟ କରାଯାଉଛି । ଯାହା ଦେଖିଲେ ଆଖି ଲାଖିଯାଏ

# ଅନିତ୍ୟ ଜଗତରେ ଭଗବାନ ହିଁ ନିତ୍ୟ

ଆମ ଦେଶର ପ୍ରାଚୀନ ଋଷିଗଣ ଭଗବାନଲାଭକୁ ହିଁ ଜୀବନର ଲକ୍ଷ୍ୟ ବୋଲି କହି ଯାଇଛନ୍ତି। ଦୁଃଖ-କଷ୍ଟର ଅବସାନ ପାଇଁ ନିଜର ସ୍ୱରୂପ ଉପଲବ୍ଧି କରି ଶାନ୍ତି ଲାଭ କରିବା ପାଇଁ ସେମାନେ ଏହି ଆଦର୍ଶକୁ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି। ଏହି ଆଦର୍ଶ ଏତେ ପ୍ରାଣସ୍ପର୍ଶୀ ଯେ, ଏ ଦେଶର ଅସଂଖ୍ୟ ଉଚ୍ଚସ୍ତରର ମନୁଷ୍ୟ, ଏପରିକି ଅନେକ ରାଜା, ରାଜକୁମାର ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ଅତି ଉନ୍ନତ ବ୍ୟକ୍ତିମାନଙ୍କ ହୃଦୟରେ ମଧ୍ୟ ତାହା ରେଖାପାତ କରିଛି। ସେମାନେ ସମସ୍ତେ ଭଗବାନଲାଭ ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି। ସେମାନେ ବୁଝିଥିଲେ, ଜଗତରେ କୌଣସି ବସ୍ତୁ ଚିରସ୍ଥାୟୀ ନୁହେଁ, ସମସ୍ତ ହିଁ ପରିବର୍ତ୍ତନଶୀଳ ଏବଂ ଏକମାତ୍ର ଭଗବାନ ହିଁ ନିତ୍ୟ ସତ୍ୟ।

ଶ୍ରୀରାମକୃଷ୍ଣ କହୁଥିଲେ, 'ଯଦି ଜାଣନ୍ତି ଯେ ଜଗତଟା ନିତ୍ୟ, ତା'ହେଲେ କାମାରପୁକୁରକୁ ସୁନାରେ ଛାଉଣି କରିଦେଇ ଯାଆନ୍ତି। କିନ୍ତୁ ଦେଖୁଛି, ଜଗତଟା ଅନିତ୍ୟ।'

ରୂପ ଗୋସ୍ୱାମୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜନୈକ ବିଶିଷ୍ଟ ଶିଷ୍ୟ, ବୃନ୍ଦାବନରେ ବାସ କରୁଥିଲେ; ତାଙ୍କ ଭାଇ ବଙ୍ଗଳା ନବାବଙ୍କର ମନ୍ତ୍ରୀ ଥିଲେ ଏବଂ ବିଷୟ ସମ୍ପତ୍ତିରେ ବିଶେଷ ଭାବେ ଜଡ଼ିତ ହୋଇପଡ଼ିଥିଲେ। ତାଙ୍କ ପ୍ରତି ସ୍ନେହ ପରବଶ ହୋଇ ସେ ତାଙ୍କୁ ଗୋଟିଏ ଶ୍ଳୋକ ଲେଖି ପଠାଇଲେ, ଯାହାର ଅର୍ଥ ହେଲା; ଭାବିଦେଖ, ସେ ଅଯୋଧ୍ୟାପୁରୀ ବା କେଉଁଠି, ସେ ଦ୍ୱାରିକାପୁରୀ ବା କେଉଁଠି ? ପ୍ରକୃତରେ ଜାଣିବ ଏକମାତ୍ର ଭଗବାନଙ୍କ ବ୍ୟତୀତ ଜଗତରେ ଅନ୍ୟ ସବୁ ଅନିତ୍ୟ। ଏଥିରେ ତାଙ୍କ ଭାଇଙ୍କର ଆଖି ଖୋଲିଗଲା; ସେ ବଙ୍ଗଳାର ମନ୍ତ୍ରୀତ୍ୱ ଛାଡ଼ି ବୃନ୍ଦାବନକୁ ଚାଲିଗଲେ ଏବଂ ଭଗବାନଙ୍କୁ ପ୍ରତ୍ୟକ୍ଷ କରିବା ପାଇଁ ସାଧନାରେ ମଗ୍ନ ହେଲେ। ଏହି ଆଦର୍ଶ ଚିରଦିନ ଭାରତବାସୀଙ୍କ ମନରେ ରେଖାପାତ କରିଆସୁଛି। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, 'ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍।' 'ଯେଉଁ ଜଗତକୁ ଆସିଛ ତାହା ଅନିତ୍ୟ, ଆନନ୍ଦହୀନ, ମୋର ଭଜନ କର।' ପ୍ରକୃତରେ ଦେଖାଯାଉଛି, ଆମର ଶାସ୍ତ୍ର, ଋଷି, ଅବତାର ଓ ଆଚାର୍ଯ୍ୟଗଣ ସମସ୍ତେ ହିଁ କହିଛନ୍ତି - ବୈଷୟିକ ଜୀବନରେ ଶାନ୍ତିର ଆଶା କରନାହିଁ। ତା'ଠାରୁ ଅଲଗା ରହି ଆତ୍ମସ୍ୱରୂପ ଉପଲବ୍ଧି କରିବାକୁ ଏବଂ ଶାନ୍ତି ଲାଭ କରିବାକୁ ଚେଷ୍ଟା କର। ବିଷୟାବଦ୍ଧ ଜୀବନରେ କେବେ ହେଲେ ଶାନ୍ତି ଲାଭ ହୋଇପାରେ ନାହିଁ।

# ଶୋଇବାର ୩୦ ମିନିଟ ପୂର୍ବରୁ ଫୋନରୁ ଦୂରେଇ ରୁହନ୍ତୁ

ଗତ କିଛି ବର୍ଷର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡ଼ିଥାଏ, ପୂର୍ବେ ଲୋକ ଗପ ବହି, ପତ୍ରିକା ପଢ଼ି ଶୋଉଥିଲେ। ଏକବିଂଶ ଶତାବ୍ଦୀରେ କିନ୍ତୁ ୭୭%ରୁ ଅଧିକ ଲୋକ ସ୍ମାର୍ଟଫୋନ୍ ଦେଖିଦେଖି ଶୋଇଥାନ୍ତି। କେହି ସୋସିଆଲ୍ ସାଇଟରେ ଅନ୍-ଲାଇନ୍ ରହିବାବେଳେ ଅନ୍ୟ କେହି ସେଥିରେ ସିନେମା ଦେଖିଥାନ୍ତି। ବିଶେଷଜ୍ଞଙ୍କ ମତରେ ଏଭଳି କରୁଥିବା ବ୍ୟକ୍ତିମାନେ ଏବେଠାରୁ ସଚେତନ ହେବା ଜରୁରୀ। ନଚେତ ଆଗାମୀ ଦିନରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଅବନତି ହେବାର ଆଶଙ୍କା ଅଧିକ। ଶୋଇବାର ୩୦ ମିନିଟ୍ ପୂର୍ବରୁ ସ୍ମାର୍ଟଫୋନକୁ ଟେବୁଲ୍ ଉପରେ କିମ୍ବା ଶୋଇବା ଘର ଥାକରେ ରଖିବା ହିଁ ବୁଦ୍ଧିମାନର ପରିଚୟ।

● ୨୦୧୭ରେ ଇସ୍ରାଏଲର



ଗବେଷକଙ୍କ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଥିଲା ରାତିବେଳା ସ୍ମାର୍ଟଫୋନ୍ ଅଧିକ ସମୟ ଦେଖିଲେ ତାହା କାରଣରୁ ଆମେ ଅନିଦ୍ରା ହୋଇଥାଉ। ଏଥିରୁ ବାହାରୁଥିବା ଏକ ପ୍ରକାରର 'ସ୍ଲିପ୍ ହରମୋନ୍' ଆମ ନିଦ୍ରାରେ ବାଧା ସୃଷ୍ଟି କଲାବେଳେ ଆଖି ଲାଲ ହୋଇଥାଏ। ଏପରିକି ରାତିରେ ଅଧିକ ସମୟ ସ୍ମାର୍ଟଫୋନ୍ ଦେଖିଲେ, ସକାଳୁ ଆମକୁ ଥକ୍କା ମଧ୍ୟ ଲାଗେ।

● ଅନ୍ତଃରାଷ୍ଟ୍ରୀୟ କ୍ୟାନ୍ସର ରିସର୍ଚ୍ଚ ଏଜେନ୍ସିର ପରୀକ୍ଷଣ ଅନୁସାରେ, ସ୍ମାର୍ଟଫୋନରୁ ବାହାରୁଥିବା ରଶ୍ମି ଆମ ମସ୍ତିଷ୍କ ଓ କାନ ନିମନ୍ତେ କ୍ଷତିକାରକ। ଅଧିକ ସମୟ କଥାବାର୍ତ୍ତା ହେଲେ କିମ୍ବା ଦେଖିଲେ, ପରବର୍ତ୍ତୀ ସମୟରେ ମସ୍ତିଷ୍କ ଓ କାନରେ ଟ୍ୟୁମର୍ ହେବାର ଆଶଙ୍କା ବଢ଼େ। ସ୍ମାର୍ଟଫୋନରେ ଦିନକୁ ୨ ଘଣ୍ଟାରୁ ଅଧିକ ସମୟ ବାର୍ତ୍ତାଳାପ କରୁଥିବା ଲୋକଙ୍କ ଶ୍ରବଣ ଶକ୍ତି ମଧ୍ୟ କ୍ରମଶଃ ହ୍ରାସ ପାଉଥିବାର ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି।

● ୨୦୧୪ ଜୁଲାଇ ଆମେରିକାର ଡାଲାସରେ ଜଣେ ୧୩ ବର୍ଷୀୟ ବାଳକ ନିଜ ତକିଆତଳେ ମୋବାଇଲ୍ ରଖି ଶୋଇପଡ଼ିଥିଲେ। ହଠାତ୍ କୌଣସି କାରଣରୁ ମୋବାଇଲରେ ନିଆଁ ଲାଗିଯାଇଥିଲା।

●୨୦୧୫ ମେରେ ସେହିପରି ଏକ ଦୁର୍ଘଟଣା ଆମେରିକାର ଏକ ସହରରେ ଘଟିଥିଲା। ଜଣେ ଯୁବକ ନିଜ ସ୍ମାର୍ଟଫୋନ୍ଟୁ ଖଟ ଉପରେ ରଖି ଚାର୍ଜିଂ କରୁଥିବାବେଳେ ନିଆଁ ଲାଗି କକ୍ଷଟି ଭସ୍ମୀଭୂତ ହୋଇଗଲା।

# ଭଗବାନ ଶିବଙ୍କ ତପସ୍ୟା କରି ମହାନ ବରଦାନ ପାଇଥିଲେ ଶନିଦେବ

ହିନ୍ଦୁ ଧର୍ମରେ ଶନିଦେବଙ୍କୁ ସୂର୍ଯ୍ୟ ତଥା କର୍ମଫଳ ଦାତା ବୋଲି କୁହାଯାଏ। ଶନିଦେବଙ୍କୁ ନ୍ୟାୟମୂର୍ତ୍ତି ମଧ୍ୟ କୁହାଯାଏ। ଶନିଦେବଙ୍କ ସମ୍ପର୍କରେ ଲୋକଙ୍କ ମନରେ ଅନେକ ଭ୍ରାନ୍ତ ଧାରଣା ରହିଛି। ସେଥିପାଇଁ ଅନେକ ଲୋକ ଶନିଦେବଙ୍କୁ ମାରକ, ଅଶୁଭ ଏବଂ ଦୁଃଖର କାରକ ବୋଲି କହିଥାନ୍ତି। କଶ୍ୟପ ଗୋତ୍ରୀୟ ଶନିଦେବଙ୍କ ମାତା ସୂର୍ଯ୍ୟ ପତ୍ନୀ ଛାୟାୟ ପୌରାଣିକ କଥା ଅନୁସାରେ ଶନିଦେବଙ୍କ ଜନ୍ମସ୍ଥାନ ମହାରାଷ୍ଟ୍ରର ସିଙ୍ଗାଣାପୁରରେ। ମହର୍ଷି କଶ୍ୟପ ଶନି ସ୍ତୋତ୍ରର ଏକ ମନ୍ତ୍ରରେ ସୂର୍ଯ୍ୟ ପୁତ୍ର ଶନିଦେବଙ୍କୁ ମହାବେଳୀ ଓ ଗ୍ରହମାନଙ୍କ ରାଜା ବୋଲି କହିଛନ୍ତି।

ସୌରିଗ୍ରହରାଜେ ମହାବଳ: ପୌରାଣିକ ମାନ୍ୟତା ଅନୁସାରେ ଶନିଦେବ ଭଗବାନ ଶିବଙ୍କ ଭକ୍ତି ଓ ତପସ୍ୟା କରି





ନବଗ୍ରହରେ ସର୍ବଶ୍ରେଷ୍ଠ ସ୍ଥାନ ପ୍ରାପ୍ତ କରିଛନ୍ତି। ପୌରାଣିକ ବିଶ୍ୱାସ ଅନୁଯାୟୀ, ଭଗବାନ ସୂର୍ଯ୍ୟ ନିଜ ପତ୍ନୀ ଛାୟାଙ୍କ ପାଖକୁ ଯାଇଥିଲେ। ସୂର୍ଯ୍ୟଙ୍କ ପ୍ରକାଶ ଓ ଉଜ୍ଜ୍ୱଳ କିରଣ ଯୋଗୁଁ ତାଙ୍କ ପତ୍ନୀ ଆଖି ବନ୍ଦ କରିଦେଲେ। ସେଥିପାଇଁ ତାଙ୍କୁ ଶ୍ୟାମଳ ବର୍ଣ ପୁତ୍ର ଶନିଦେବ ପ୍ରାପ୍ତ ହୋଇଥିଲେ। ଶନିଦେବଙ୍କ ଶ୍ୟାମଳ ବର୍ଣ ଦେଖି ସୂର୍ଯ୍ୟ ଛାୟାଙ୍କ ଉପରେ ଆରୋପ ଲଗାଇଲେ ଯେ ସେ ତାଙ୍କ ପୁତ୍ର ନୁହେଁ। ସେଥିପାଇଁ ଶନିଦେବ ନିଜ ପିତାଙ୍କ ଉପରେ କ୍ରୋଧିତ ହୋଇଗଲେ। ଏହାପରେ ଶନିଦେବ ଭଗବାନ ଶିବଙ୍କ ଘୋର ତପସ୍ୟା କଲେ ଓ ନିଜ ଶରୀରକୁ ଜାଳିଦେଲେ। ଭଗବାନ ଶିବ ଶନିଦେବଙ୍କ ଭକ୍ତିରୁ ପ୍ରସନ୍ନ ହୋଇ ତାଙ୍କୁ ବର ମାଗିବାକୁ କହିଥିଲେ। ଶନିଦେବ ବର ମାଗିଥିଲେ ଯେ ଯୁଗ ଯୁଗ ଧରି ତାଙ୍କ ମାତା ଛାୟାଙ୍କ ପରାଜୟ ହେଉଛି। ତାଙ୍କ ମାତା ପିତା ସୂର୍ଯ୍ୟଙ୍କ ଦ୍ୱାରା ଲଗାତାର ନିର୍ଯ୍ୟାତିତ ହେଉଛନ୍ତି। ସେଥିପାଇଁ ସେ ନିଜ ପିତାଙ୍କ ଠାରୁ ଅଧିକ ପୂଜ୍ୟ ହେବାକୁ ଚାହୁଁଛନ୍ତି । ଯେପରି ତାଙ୍କ ଅହଂକାର ଭାଙ୍ଗିଯିବ ବୋଲି ସେ ଶିବଙ୍କୁ କହିଥିଲେ। ଭଗବାନ ଶିବ ଶନିଦେବଙ୍କୁ ବରଦାନ ଦେଇଥିଲେ ଯେ ଶନିଦେବ ନବଗ୍ରହଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ହେବେ। ପୃଥିବୀଲୋକରେ ନ୍ୟାୟାଧୀଶ ଏବଂ ଦଣ୍ଡାଧିକାରୀ ହେବେ ଏବଂ ଲୋକଙ୍କ କର୍ମ ଅନୁଯାୟୀ ନ୍ୟାୟ ଓ ଦଣ୍ଡ ଦେବେ। ମତ୍ସ୍ୟ ପୁରାଣରେ ଶନିଦେବଙ୍କ ରୂପ ବର୍ଣ୍ଣନା କରାଯାଇଛି। ତାଙ୍କ ଶରୀର ନୀଳମଣି ସହ ସମାନ। ସେ ଶାଗୁଣା ଉପରେ ବସନ୍ତି। ତାଙ୍କର ଗୋଟିଏ ହାତରେ ଧନୁସର ଓ ଅନ୍ୟ ହାତରେ ବରମୁଦ୍ରାରେ ଥାଆନ୍ତି। ଶନିଦେବ ସର୍ବଦା ନିଜ ଭକ୍ତଙ୍କୁ ସାହାଯ୍ୟ କରନ୍ତି, ନିଜ ଭକ୍ତଙ୍କ ଡାକ ଶୁଣନ୍ତି। ଦେଶର ଅନେକ ସ୍ଥାନରେ ଶନିଦେବଙ୍କ ପ୍ରସିଦ୍ଧ ମନ୍ଦିର ରହିଛି। ଶନିବାର ଦିନ ଭକ୍ତ ଶନିଦେବଙ୍କୁ ଦର୍ଶନ କଲେ ଶନିଦେବ ଭକ୍ତଙ୍କ କଷ୍ଟ ଦୂର କରିଥାନ୍ତି।

# ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି

ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ। ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ। ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିପାରେ। ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ



କାର୍ବୋହାଇଡ୍ରେଟ୍ ରହିଛି। ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ୍ୟ ରହିଛି। ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ। ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା

କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:
ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି। ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, ଏଲଡିଏଲ- କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ। ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ମୋଟାପଣ କମ କରିଥାଏ:
ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ । ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ। ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ।

ଗ୍ୟାସ ସମସ୍ୟାରୁ ମୁକ୍ତି:
ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ। ଯଦି ଆପଣ ମଧ୍ୟ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ। ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:
ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ।

ରକ୍ତ ସଞ୍ଚାଳନ ଉତ୍ତମ ରଖେ:
ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

